ଭାରତ ନିକଟରେ ଆଗାମୀ ୧୫ ମାସରେ ୩
ଆଇସିସି ଟ୍ରଫି ଜିତିବାର ରହିଛି ସୁଯୋଗ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00

● ବର୍ଷ–୩୧ ● ସଂଖ୍ୟା–୩୭ ● ୩ ମାର୍ଚ୍ଚ ୨୦୨୪, ରବିବାର ● ଭୁବନେଶ୍ୱର ● Vol -31 ● Issue-37 ● 3rd March 2024, Sunday ● Bhubaneswar

Licensed to post without pre-payment of postage No- BN-60/22-24




## ଜଳସେଚନ କ୍ଷେତ୍ରରେ ସୁବର୍ଣ୍ଣ ଅଧ୍ୟାୟ

# ଗୋଟିଏ ଦିନରେ ୩,୦୩୭ କୋଟି ଟଙ୍କାରେ ୫୨ ପ୍ରକଳ୍ପର ଶୁଭାରମ୍ଭ

ଭୁବନେଶ୍ୱର, ୨।୩
ନ୍ୟୁଜ୍ ବ୍ୟୁରୋ

ଶନିବାର ଜଳସେଚନ କ୍ଷେତ୍ରରେ ଏକ ସୁବର୍ଣ୍ଣ ଅଧ୍ୟାୟ ସୃଷ୍ଟି ହୋଇଛି। ଗୋଟିଏ ଦିନରେ ୩,୦୩୭ କୋଟି ଟଙ୍କାରେ ୫୨ଟି ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ରଖିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏଥିରେ ୪ଟି ଜିଲ୍ଲାରେ ୧୩୧ କୋଟି ଟଙ୍କା ବ୍ୟୟରେ ୬ଟି ପ୍ରକଳ୍ପର ଉଦ୍‌ଘାଟନ ହୋଇଥିବା ବେଳେ ୧୫ଟି ଜିଲ୍ଲାରେ



୨୯୦୬ କୋଟି ଟଙ୍କାରେ ୪୬ଟି ପ୍ରକଳ୍ପର ଭିତ୍ତି ପ୍ରସ୍ତର ସ୍ଥାପନ କରାଯାଇଛି ।

ଏହ ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଚାଷୀର କଲ୍ୟାଣ ଓ କୃଷିର ବିକାଶ ମୋ ପାଇଁ ସବୁବେଳେ ପ୍ରାଥମିକତା ହୋଇ ରହି ଆସିଛି । ମୁଁ ପ୍ରତିଦିନ ଭୁବନେଶ୍ୱରରେ ବିଭିନ୍ନ ଅଞ୍ଚଳର ଚାଷୀ ଭାଇଭଉଣୀମାନଙ୍କୁ ଭେଟୁଛି ବୋଲି ପ୍ରକାଶ କରି ସେ କହିଥିଲେ ଚାଷୀଙ୍କ ପାଇଁ ଆମର ବିଭିନ୍ନ କଲ୍ୟାଣ କାର୍ଯ୍ୟକ୍ରମ ଖୁବ ଭଲ କାମ କରୁଛି। *(ଶେଷ ପୃଷ୍ଠାରେ)*

## ସ୍ୱାସ୍ଥ୍ୟ ଶିକ୍ଷା ଓ ସେବା କ୍ଷେତ୍ରରେ ଯୋଡି ହେଲା ଆଉ ଏକ ଉଜ୍ଜ୍ୱଳ ଫର୍ଦ୍ଦ

# ୫ଟି ମେଡିକାଲ କଲେଜର ଟିଚିଂ ହସ୍ପିଟାଲର ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨।୩
ନ୍ୟୁଜ୍ ବ୍ୟୁରୋ



ଶନିବାର ଓଡିଶାର ସ୍ୱାସ୍ଥ୍ୟ ଶିକ୍ଷା ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଯୋଡି ହୋଇଛି ଆଉ ଏକ ନୂଆ ଫର୍ଦ୍ଦ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ସ୍ୱାସ୍ଥ୍ୟସେବା ଭିତ୍ତିଭୂମିକୁ ଆହୁରି ସୁଦୃଢ କରିବା ପାଇଁ ରାଜ୍ୟର ବିଭିନ୍ନ ସରକାରୀ ମେଡିକାଲ କଲେଜ ଗୁଡିକରେ ଟିଚିଂ ହସ୍ପିଟାଲର ଶୁଭ ଉଦ୍‌ଘାଟନ କରିବା ସହିତ ୪ଟି ମେଡିକାଲ କଲେଜର ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ବିଶ୍ୱସ୍ତରୀୟ କରିବା ପାଇଁ ଭିତ୍ତି ରଖିଛନ୍ତି।

ଉଦ୍‌ଘାଟିତ ହୋଇଥିବା ଟିଚିଂ ହସ୍ପିଟାଲ ଗୁଡିକ ହେଲା– ବଲାଙ୍ଗୀରରେ ୬୫୦ ଶଯ୍ୟା ବିଶିଷ୍ଟ ଭୀମଭୋଇ ମେଡିକାଲ କଲେଜ ଏବଂ ହସ୍ପିଟାଲ, ବାରିପଦାରେ ୬୫୦ ଶଯ୍ୟା ବିଶିଷ୍ଟ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଏବଂ ହସ୍ପିଟାଲ, ସୁନ୍ଦରଗଡରେ ୫୦୦ ଶଯ୍ୟା ବିଶିଷ୍ଟ ସରକାରୀ ମେଡିକାଲ କଲେଜ ଏବଂ ହସ୍ପିଟାଲ, କେନ୍ଦୁଝରରେ ୫୦୦ ଶଯ୍ୟା ବିଶିଷ୍ଟ ଧରଣୀ ଧର ମେଡିକାଲ କଲେଜ ଏବଂ *(ଭିତର ପୃଷ୍ଠାରେ)*



30 YEARS

ସମ୍ବାଦ କଳିକା

ଭୁବନେଶ୍ୱର, ୩ ମାର୍ଚ୍ଚ ୨୦୨୪ ରବିବାର



# ବାଲେଶ୍ୱର ଜିଲ୍ଲାରେ ୨୨୧୫ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପ ଶୁଭାରମ୍ଭ

**ବାଲେଶ୍ୱର, ନ୍ୟୁଜ୍**

ସ୍ଥାନୀୟ ପୋଲିସ ଲାଇନ୍ ପଡ଼ିଆ ଠାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ ମାଧ୍ୟମରେ ଜିଲ୍ଲାରେ ୨ ହଜାର ୨୧୫ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ କରିବା ସହିତ ମହାନ ବରପୁତ୍ର ମନ୍ମଥ ଦାସ ଓ ମନୋଜ ଦାସଙ୍କ ସ୍ମୃତି ପୀଠ ଉଦ୍ଘାଟନ କରିଛନ୍ତି। ଏହି ଅବସରରେ ଉଭୟ ମନ୍ମଥ ଦାସ ଓ ମନୋଜ ଦାସଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସେମାନଙ୍କର ପ୍ରତିଭା ଓ ଜ୍ଞାନ ବଳରେ ସେମାନେ ସାରା ଦେଶକୁ ଗର୍ବିତ କରିଛନ୍ତି। ଇତିହାସ ଓ ସାହିତ୍ୟ କ୍ଷେତ୍ରରେ ତାଙ୍କର ଅବଦାନ ସେମାନଙ୍କୁ ଅମର କରି ରଖିଛି ବୋଲି ସେ କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନୀଳଗିରିର ଜନଜାତି ଭାଇଭଉଣୀଙ୍କ ପାଇଁ ଲାଭ ଯୋଜନାର ଶୁଭାରମ୍ଭ କରିଥିଲେ। ଏହାଦ୍ୱାରା ସେମାନେ ଲଘୁ ବନଜାତ ଦ୍ରବ୍ୟ ଉପରେ ଗୋଷ୍ଠୀଗତ ଜଙ୍ଗଲ ଅଧିକାର ପାଇପାରିବେ। ଏହା ସହିତ ରେମୁଣା ବିଜ୍ଞାପିତ ଅଞ୍ଚଳ ପରିଷଦର ବସ୍ତି ଲୋକଙ୍କୁ ଜାଗା ମିଶନରେ ଜମି ଅଧିକାର ପ୍ରମାଣପତ୍ର ମଧ୍ୟ ପ୍ରଦାନ କରାଯାଇଥିଲା। ସେ କହିଥିଲେ ଯେ ୫ଟି ଅଧ୍ୟକ୍ଷଙ୍କ ଜିଲ୍ଲା ଗସ୍ତ ସମୟରେ ବାଲେଶ୍ୱରର ଲୋକମାନେ ଯେଉଁ ପ୍ରସ୍ତାବ ଦେଇଥିଲେ, ତାକୁ ଭିତ୍ତିକରି ସେ ଆଜି ଜିଲ୍ଲାରେ ୨ ହଜାର୨୧୫ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ବାଲେଶ୍ୱର ସହର ପାଇଁ ସିଟି ବସ୍ ସେବାର ମଧ୍ୟ ଶୁଭାରମ୍ଭ କରିଥିଲେ। ୫ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ତଥା ଅବକାରୀ ବିଭାଗର ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଯୋଗଦେଇ କହିଥିଲେ ଯେ ଆଜି ବାଲେଶ୍ୱରବାସୀଙ୍କ ପାଇଁ ଐତିହାସିକ ଦିନ। ଏ ମାଟିର ଦୁଇ ବରପୁତ୍ରଙ୍କର ସ୍ମୃତି ରକ୍ଷା ପାଇଁ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତା ଆଜି ବାଲେଶ୍ୱରବାସୀଙ୍କୁ ଉତ୍ସାହିତ କରିଛି। ଭୁବନେଶ୍ୱର ଏବଂ ପଣ୍ଡିଚେରୀରୁ ସଂଗୃହିତ ହୋଇଛି। ଏହି ଦୁଇ ବରପୁତ୍ରଙ୍କ ବ୍ୟବହୃତ ସାମଗ୍ରୀ ଆଗାମୀ ଦିନରେ ଏହା ବହୁ ସାହିତ୍ୟିକ, ଗବେଷକଙ୍କ ପାଇଁ ଏକ ଆକର୍ଷଣୀୟ ପୀଠ ହେବ। କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଭାପତି ନାରାୟଣ ପ୍ରଧାନ ସ୍ୱାଗତ ଭାଷଣ ଦେଇଥିଲେ। ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ତଥା ଭୋଗରାଇ ବିଧାୟକ ଅନନ୍ତ ଦାସ ଏବଂ ସଦର ବିଧାୟକ ସ୍ୱରୂପ ଦାସ କହିଥିଲେ ଯେ ଆମ ମାଟିର ଏହି ଦୁଇ କୃତୀ ସନ୍ତାନଙ୍କ ସମ୍ମାନାର୍ଥେ ମୁଖ୍ୟମନ୍ତ୍ରୀଙ୍କ ଏହି ପ୍ରୟାସ ପାଇଁ ବାଲେଶ୍ୱରବାସୀ ବହୁତ ଖୁସି ଏବଂ ବାଲେଶ୍ୱର ଜିଲ୍ଲାର ବିକାଶ ଦାୟିତ୍ୱ ମୁଖ୍ୟମନ୍ତ୍ରୀ ହାତକୁ ନେଇ ଏକ ବିକାଶଶୀଳ ଜିଲ୍ଲା ଭାବେ ଏହାକୁ ପରିଣତ କରିଛନ୍ତି। ସିମୁଳିଆ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ମଧ୍ୟ ଏହି ଅବସରରେ ମଞ୍ଚାସୀନ ଥିଲେ।

# ସୋଆ ଆଇଏଏସ୍‌କୁ ମିଳିବ ଆଉଟ୍ ଲୁକ୍ ଏକ୍ସିଲେନ୍ସି ସମ୍ମାନ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲଚରାଲ୍ ସାଇନସେସ୍ (ଆଇଏଏସ୍)କୁ ଆଉଟଲୁକ୍ ଏକ୍ସିଲେନ୍ସି ସମ୍ମାନ ନିମନ୍ତେ ମନୋନୀତ କରାଯାଇଛି। ଶିକ୍ଷା, ଗବେଷଣା ଓ ସମ୍ପ୍ରସାରଣ ଦିଗରେ ଉଲ୍ଲେଖନୀୟ ଅବଦାନ ପାଇଁ ଆଇଏଏସ୍‌କୁ ଏହି ସମ୍ମାନ ପ୍ରଦାନ କରାଯିବ। ୨୦୧୩ ମସିହାରେ ପ୍ରତିଷ୍ଠିତ ଏହି କୃଷି ମହାବିଦ୍ୟାଳୟର ସବୁ ବିଭାଗରେ ସ୍ନାତକ, ସ୍ନାତକୋତର ଓ ପିଏଚ୍‌ଡି ଶିକ୍ଷାଦାନ ପ୍ରଦାନ କରିବା ସହିତ ଆଧୁନିକ ଜ୍ଞାନ ସମ୍ବଳିତ ଗବେଷଣା ଓ ସମ୍ପ୍ରସାରଣ ଦିଗରେ କାର୍ଯ୍ୟ କରିବାକୁ ପ୍ରୋତ୍ସାହିତ କରାଯାଇଥାଏ। ରାଜ୍ୟର ଏକ ପ୍ରମୁଖ କୃଷି ମହାବିଦ୍ୟାଳୟ ଭାବେ ଆଇଏଏସ୍ ସୁନାମ ଅର୍ଜନ କରିପାରିଛି। ଉନ୍ନତମାନର ଶିକ୍ଷା ପ୍ରଣାଳୀ ସହିତ ଛାତ୍ରଛାତ୍ରୀ ମାନଙ୍କର ଅନ୍ତର୍ନିହିତ ବିକାଶ ଦିଗରେ ମଧ୍ୟ ପଦକ୍ଷେପ ନେଇ ଏହି ମହାବିଦ୍ୟାଳୟ ଛାତ୍ରଛାତ୍ରୀ ମାନଙ୍କୁ ପ୍ରୋତ୍ସାହିତ କରିବ ବୋଲି ସୋଆ ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରଞ୍ଜନ ନାୟକ କହିଛନ୍ତି। ଏହି ସଫଳତା ପାଇଁ କୃଷି ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀ ପ୍ରଫେସର ନାୟକଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଜାତୀୟ ସ୍ତରରେ ମିଳିବାକୁ ଯାଉଥିବା ଏହି ସମ୍ମାନ ଓ ସଫଳତା ପାଇଁ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ କୁମାର ରାଉତ ସମସ୍ତ ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ ଓ କର୍ମଚାରୀମାନଙ୍କୁ ସେମାନଙ୍କ ଉଦ୍ୟମ ଓ ଅବଦାନ ପାଇଁ କୃତଜ୍ଞତା ଜଣାଇଛନ୍ତି।

# ପ୍ରାର୍ଥୀଙ୍କ ନିର୍ବାଚନ ଖର୍ଚ୍ଚ ତଦାରଖ ପାଇଁ ପ୍ରଶିକ୍ଷଣ



**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲା ପ୍ରଶାସନ ପକ୍ଷରୁ ଆସନ୍ତା ସାଧାରଣ ନିର୍ବାଚନ-୨୦୨୪ ସମୟରେ ପ୍ରାର୍ଥୀଙ୍କ ନିର୍ବାଚନ ଖର୍ଚ୍ଚ ତଦାରଖ (ଇଲେକ୍ସନ୍ ଏକ୍ସପେଣ୍ଡିଚର୍ ମନିଟରିଂ) ଉପରେ ଏକ ଦିବସୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଯୋଗଦେଇ କହିଥିଲେ ଯେ 'ଭାରତୀୟ ନିର୍ବାଚନ ଆୟୋଗଙ୍କ ନୀତି ନିୟମକୁ ଆମକୁ ଅକ୍ଷରେ ଅକ୍ଷରେ ପାଳନ କରି ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ ପ୍ରାର୍ଥୀ ମାନଙ୍କର ନିର୍ବାଚନ ଖର୍ଚ୍ଚକୁ ଠିକ୍ ଭାବରେ ତଦାରଖ କରି ନିର୍ବାଚନ ଆୟୋଗଙ୍କୁ ଅବଗତ କରାଯିବ। ସମସ୍ତ ପ୍ରାର୍ଥୀ ମାନଙ୍କୁ ସମାନ ସ୍ତର ଯୋଗାଇଦେଇ କେନ୍ଦ୍ରାପଡ଼ା ଜିଲ୍ଲାରେ ସାଧାରଣ ନିର୍ବାଚନ-୨୦୨୪କୁ ମୁକ୍ତ, ଅବାଧ ଓ ନିରପେକ୍ଷ ସହ ଶାନ୍ତିପୂର୍ଣ୍ଣ ଭାବେ ସମାପନ କରିବାକୁ ସେ ସମସ୍ତଙ୍କୁ ଆହ୍ୱାନ ଜଣାଇଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ଏହି ପ୍ରଶିକ୍ଷଣ ଶିବିରରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନିଲୁ ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ପୀତାମ୍ବର ସାମଲ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ପଣ୍ଡା, ଉପ-ଜିଲ୍ଲାପାଳ ରବିନ୍ଦ୍ର କୁମାର ପ୍ରଧାନ, ଡେପୁଟି କଲେକ୍ଟର (ନିର୍ବାଚନ) ରମେଶ ଚନ୍ଦ୍ର ପଣ୍ଡା, ସିଟି ଜିଏସ୍‌ଟିର ଡେପୁଟି କମିସନର୍ ଅମରେନ୍ଦ୍ର ମହାଲିକ, ଜିଲ୍ଲା କୋଷାଗାର ଅଧିକାରୀ ପ୍ରମୋଦ କୁମାର ରାଉତ, ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ ଦେବବ୍ରତ ଦଲାଇ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଆଲୋକ କୁମାର ମହାନ୍ତି, ଜିଲ୍ଲା ସ୍ୱଳ୍ପ ସଞ୍ଚୟ ଓ ଆର୍ଥିକ ଅନ୍ତର୍ଭୁକ୍ତି କରଣ ଅଧିକାରୀ ଅମ୍ବରୀଶ ସାମଲ ପ୍ରମୁଖ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ନିର୍ବାଚନ ଆଚରଣ ସଂହିତା, ମିଡିଆ ସାର୍ଟିଫିକେସନ୍ ଆଣ୍ଡ ମନିଟରିଂ କମିଟି, ଏକ୍ସପେଣ୍ଡିଚର୍ ମନିଟରିଂ ବା ଖର୍ଚ୍ଚ ତଦାରଖ, ଇଏସ୍ଏମ୍ଏସ୍ ଅନ୍‌ଲାଇନ୍ ରିପୋର୍ଟିଂ ଆଦି ବିଷୟ ଉପରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା।



# ବେଷ୍ଟ ପରିସରରେ ଯୁବ ସଂସଦୀୟ କାର୍ଯ୍ୟକ୍ରମ

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଧାମନଗର ବ୍ଲକ ଅସୁରାଳି ସ୍ଥିତ ଭଦ୍ରକ ଇଞ୍ଜିନିୟରିଂ ସ୍କୁଲ ଏଣ୍ଡ ଟେକ୍ନୋଲୋଜି (ବେଷ୍ଟ) ପରିସରରେ ନେହେରୁ ଯୁବ କେନ୍ଦ୍ର ସଂଗଠନ ଦ୍ୱାରା ଏକ ଯୁବ ସଂସଦୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଭଦ୍ରକ ଜିଲ୍ଲାର ଅତିରିକ୍ତ ଆରକ୍ଷୀ ଅଧିକାରୀ ଅଂଶୁମାନ ଦ୍ୱିବେଦୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଜିଲ୍ଲା ନିଯୁକ୍ତିକାରୀ ବିଭାଗର ମୁଖ୍ୟ ଅନିତା ନାୟକ ଓ ଅନୁଷ୍ଠାନର ଅଧ୍ୟକ୍ଷ ଇଂ ରବିନ୍ଦ୍ର କୁମାର ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ମୁଖଶାଳା ସାହିତ୍ୟ ପତ୍ରିକାର ସମ୍ପାଦକ କାଳୀ ଚରଣ ପଣ୍ଡା ଓ ଭଦ୍ରକ ଜିଲ୍ଲାର ବିଶିଷ୍ଟ ଶିଳ୍ପପତି ଓ ସାହିତ୍ୟିକ ଅଭୟ ସୂତାର ସଂସାଧନ ବ୍ୟକ୍ତି ଭାବେ ଯୋଗଦେଇ ପିଲାମାନଙ୍କୁ ନିଜର ଉତ୍ତମ ଚରିତ୍ର ଗଠନ କରିବା ସହ ବର୍ତ୍ତମାନ ଯୁଗର ଆବଶ୍ୟକତାକୁ ନେଇ ନିଜକୁ ପ୍ରସ୍ତୁତ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏହି ପରିପ୍ରେକ୍ଷୀରେ କବୟିତ୍ରୀ ସୁଶ୍ରୀ ସଙ୍ଗୀତା ସାହୁ, ସାମାଜିକ ସଂଗଠନ ବିଶ୍ୱାସ ଫାଉଣ୍ଡେସନ୍, ବହୁ ଭାଷୀ ଗାୟିକା ନୃତ୍ୟଶିଳ୍ପୀ ସୁଭ୍ରସ୍ମିତା ରାଉତ ଓ ସେବା ନିବୃତ୍ତ ପ୍ରଧାନଶିକ୍ଷକ ବଂଶୀଧର ସାହୁଙ୍କୁ ସମାଜ ପ୍ରତି ସେମାନଙ୍କର ଅବଦାନକୁ ସମ୍ମାନ ଜଣାଇ ଅତିଥିମାନଙ୍କ ଗହଣରେ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ବିଭିନ୍ନ ବିଷୟ ବସ୍ତୁକୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ କରାଯାଇ କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମଟିକୁ ଅନୁଷ୍ଠାନର ସାଂସ୍କୃତିକ ସମ୍ପାଦକ ଇଂ କିଶୋର କମାର ପୃଷ୍ଟି ଓ ସହ ସମ୍ପାଦକ ଅବ୍‌ଦୁଲ୍ ସାଜିଦ ଖାନ୍ ପରିଚାଳନା କରିଥିବା ବେଳେ ଅଧ୍ୟାପକ ଇଂ ମଳୟ ରଞ୍ଜନ ସାହୁ, ଭାରତ ଭୂଷଣ ଦାସ, ଇଂ କିର୍ତ୍ତୀ ଭୂଷଣ ସେଠୀ, ଦୁର୍ଗା ପ୍ରଶନ୍ନ ପଟ୍ଟନାୟକ ଇତ୍ୟାଦି ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଅଧ୍ୟାପକ ଇଂ ସୂର୍ଯ୍ୟକାନ୍ତ କର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମଟିକୁ ସୂଚାରୁରୂପେ ସମ୍ପାଦନ କରିଥିବାରୁ ଅନୁଷ୍ଠାନର ଚେୟାରମ୍ୟାନ ଡଃ ମନ୍ମଥ କୁମାର ବିଶ୍ୱାଳ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି।

# ଅଭିଯୁକ୍ତକୁ ଗିରଫ କରୁନି ପୋଲିସ: ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ମହିଳା

**ନିଶ୍ଚିନ୍ତକୋଇଲି, ନ୍ୟୁଜ୍ ବ୍ୟୁରୋ**

ନିଶ୍ଚିନ୍ତକୋଇଲି ବ୍ଲକ ନେମାଳ ଥାନା ପୋଲିସ ଜଣେ ଅଭିଯୁକ୍ତକୁ ଗିରଫ କରିବା ପରିବର୍ତ୍ତେ ସୁରକ୍ଷା ପ୍ରଦାନ କରୁଥିବାର ଅଭିଯୋଗ ହୋଇଛି। ନ୍ୟାୟ ପାଇବା ନିମନ୍ତେ ଶେଷରେ ମହିଳା ଜଣଙ୍କ କଟକ ଜିଲ୍ଲା ଗ୍ରାମାଞ୍ଚଳ ଆରକ୍ଷୀ ଅଧିକ୍ଷକଙ୍କ ଦ୍ୱାରସ୍ଥ ହୋଇଛନ୍ତି। ନିଶ୍ଚିନ୍ତକୋଇଲି ଥାନା ବାଲିଆପଦା ଗ୍ରାମର ଗୌରହରି ମଲିକଙ୍କ କନ୍ୟା ସମାଲି ମଲିକ ୮ ବର୍ଷ ତଳେ ନେମାଳ ଥାନା ପାଳଦା ଗ୍ରାମର ବଟକୃଷ୍ଣ ମଲିକଙ୍କୁ ବିବାହ କରିଥିଲେ। ସମାଲିଙ୍କର ଏକ ପୁତ୍ର ସନ୍ତାନ ରହିଛି। ଏପରିସ୍ଥଳେ ସମାଲି ଓ ତାଙ୍କ ପୁତ୍ରକୁ ସ୍ୱାମୀ ବଟକୃଷ୍ଣ ଶାରୀରିକ ମାନସିକ ନିର୍ଯ୍ୟାତନା ଦେବା ସହ ତାଙ୍କୁ ଘରୁ ତଡିଦେଇଥିଲେ। ନ୍ୟାୟ ପାଇବା ନିମନ୍ତେ ସମାଲି କଟକ ପରିବାର ଅଦାଲତର ଦ୍ୱାରସ୍ଥ ହୋଇଥିଲେ। ଅଦାଲତ ସମାଲି ଓ ତାଙ୍କ ପୁତ୍ର ସନ୍ତାନକୁ ଭରଣପୋଷଣ ଦେବା ନିମନ୍ତେ ବଟକୃଷ୍ଣଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ବଟକୃଷ୍ଣ ଅଦାଲତଙ୍କ ନିର୍ଦ୍ଦେଶକୁ ମାନୁନଥିବା ଯୋଗୁ ତାଙ୍କ ନାମରେ ଜାମିନ ବିହିନ ଗିରଫ ପରୱାନା ଜାରି କରାଯାଇଛି। ମାତ୍ର ନେମାଳ ଥାନା ପୋଲିସ ବିଭିନ୍ନ ଆଳ ଦେଖାଇ ବଟକୃଷ୍ଣଙ୍କୁ ଗିରଫ କରିବା ପରିବର୍ତ୍ତେ ସୁରକ୍ଷା ପ୍ରଦାନ କରୁଥିବାର ସମାଲି ଅଭିଯୋଗ କରିଛନ୍ତି। ନ୍ୟାୟ ପାଇବା ନିମନ୍ତେ ସମାଲି କଟକ ଜିଲ୍ଲା ଗ୍ରାମାଞ୍ଚଳ ଆରକ୍ଷୀ ଅଧିକ୍ଷକଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିବାର ପ୍ରକାଶ କରିଛନ୍ତି।

# ବିଏମ୍‌ସିର ପରିମଳ ବ୍ୟବସ୍ଥାରେ ସୁଧାର ଆସୁନି: ହ୍ୟାଣ୍ଡ ଫଗିଂ ମେସିନ୍ ଅଦୃଶ୍ୟ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

କ୍ରମ ବର୍ଦ୍ଧିଷ୍ଣୁ ବ୍ରହ୍ମପୁର ସହର। ମୌଳିକ ସମସ୍ୟା ଏବେ ବି ଅନେକ ରହିଛି। ଡ୍ରେନ୍ ସମସ୍ୟା ଠାରୁ ଆରମ୍ଭ କରି ପବ୍ଲିକ୍ ଟଏଲେଟ୍ ପର୍ଯ୍ୟନ୍ତ ସବୁଠି ପଛରେ ରହିଛି ବିଏମ୍‌ସି। ସହର ସ୍ୱଚ୍ଛତା ପାଇଁ ଏକଦା ପ୍ରଥମ ସ୍ଥାନ ପାଇଥିବା ବିଏମ୍‌ସି ଏବେ ତଳକୁ ତଳକୁ ଖସିବାରେ ଲାଗିଛି। ସ୍ୱଚ୍ଛ ଭାରତ ଅଭିଯାନରେ ସହରର ପରିମଳ ବ୍ୟବସ୍ଥାର ସୁଧାର ଆଣିବା ନେଇ ଶହ ଶହ କୋଟି ଟଙ୍କା ବ୍ୟୟ ହେଉଛି। ମାତ୍ର ସ୍ଥିତିରେ ପରିବର୍ତ୍ତନ ଦେଖିବାକୁ ମିଳୁନି। ସେହିପରି ଆଉ ଏକ ସମସ୍ୟା ହେଲା ସହରରେ ମଶା ଦୌରାତ୍ମ୍ୟକୁ ପ୍ରତିହତ କରିବାରେ ମଧ୍ୟ ବିଏମ୍‌ସି ବିଫଳ ହୋଇଛି। କାରଣ ମଶା ଘଉଡ଼ାଇବା ପାଇଁ କ୍ରୟ ହୋଇଥିବା ହେଣ୍ଡ୍ ହୋଲ୍ଡ ଫଗିଂ ମେସିନ୍‌ର ଦେଖାନଥିବା ବେଳେ ଭଙ୍ଗା ଟ୍ରାକ୍ଟରରେ ଟିଫା ମେସିନ୍ ଲଦି ଧୂଆଁ ଛାଡ଼ିବା ଫଳପ୍ରଦ ହେଉନି ବୋଲି ଅଭିଯୋଗ ହେଉଛି। ୨୦୦୮ରେ ବ୍ରହ୍ମପୁର ପୌରପରିଷଦ ମହାନଗର ନିଗମରେ ପରିଣତ ହେଲା। ସହରର ରୂପରେଖ ବଦଳିଯିବ ବୋଲି ସହରବାସୀ ଆଶାବାନ୍ଧି ରଖିଥିଲେ। କିନ୍ତୁ ପୂର୍ବରୁ ଯେପରି ଥିଲା ସେଥିରେ ବିଶେଷ ପରିବର୍ତ୍ତନ ଦେଖିବାକୁ ମିଳିଲାନି। ୧୯୯୦ ବେଳକୁ ଗୋଟିଏ ଟିଫା ମେସିନ୍‌ରେ ସହରରେ ମଶାଧୂଆଁ ଛଡ଼ାଯାଉଥିଲା। ଏହାର ଭିତରେ ୩୦ ବର୍ଷ ବିତିଯାଇଥିଲେ ସୁଦ୍ଧା ସେହି ଗୋଟିଏ ମେସିନ୍ ହିଁ ସହରବାସୀଙ୍କ ସାହା ଭରସା। ୨୭ଟି ଓ୍ୱାର୍ଡ଼ରେ ସୀମିତ ଥିବା ସହର ୪୨ଟି ଓ୍ୱାର୍ଡ଼ରେ ପରିଣତ ହେଲାଣି। ଜନସଂଖ୍ୟା ୫ ଲକ୍ଷରୁ ଅଧିକ ହେବ। ମାତ୍ର ମଶା ଘଉଡ଼ାଇବା ଦିଗରେ ବିଏମ୍‌ସିର ସାଧନା ପୂର୍ବଭଳି ଅପରିବର୍ତ୍ତିତ ରହିଛି। ଅବଶ୍ୟ ଏ ଦିଗରେ ଉଦ୍ୟମ ହୋଇଥିଲା। ୨୦୧୭ରେ ବିଏମ୍‌ସିର ୪୦ ଓ୍ୱାର୍ଡ଼ ପାଇଁ ୪୦ଟି ହେଣ୍ଡ୍ ହିଟ୍ ଫଗିଂ ମେସିନ୍ କ୍ରୟ କରାଯାଇଥିଲା। ଯାହା ମୂଲ୍ୟ ପ୍ରାୟ ୫୦ ଲକ୍ଷ ବୋଲି ବିଏମ୍‌ସି ସୂତ୍ରରୁ ସୂଚନା ମିଳିଛି। ଏଥିସହିତ ୬ଟି ବଡ଼ ହେଣ୍ଡ୍ ହିଟ୍ ଫଗିଂ ମେସିନ୍ ମଧ୍ୟ କ୍ରୟ ହୋଇଥିଲା। ଅଣଓସାରିଆ ଗଳି ଓ ସାହିରେ ବୁଲି ବୁଲି ଧୂଆଁ ପ୍ରୟୋଗ ପାଇଁ ଏହି ମେସିନ୍ କ୍ରୟ କରାଯାଇଥିଲା। ମାଲାଥନ୍ ଓ ଡ଼ିଜେଲ୍ ମିଶ୍ରଣରେ ଧୂଆଁ ସୃଷ୍ଟି କରି ଏହାକୁ ପ୍ରୟୋଗ କରିବା ପାଇଁ ସାନିଟେସନ୍ ଇନ୍‌ସ୍ପେକ୍ଟର ଓ ଜମାଦାରମାନଙ୍କୁ ଏହାର ଦାୟିତ୍ୱ ଦିଆଯାଇଥିଲା। ସଫେଇ କର୍ମଚାରୀଙ୍କୁ ମଧ୍ୟ ଏଥିରେ ନିୟୋଜିତ କରାଯାଇଥିଲା। ମାତ୍ର ଏହାର ପରିଚାଳନା ଦିଗରେ ତାଲିମର ଅଭାବ ଯୋଗୁଁ ହେଣ୍ଡ୍ ହିଟ୍ ଫଗିଂ ମେସିନ୍‌ଗୁଡ଼ିକରେ ଯାନ୍ତ୍ରିକ ତ୍ରୁଟି ପରିଲକ୍ଷିତ ହୋଇଥିଲା। ମରାମତି କରାନଯିବାରୁ ଧୀରେ ଧୀରେ ଏହି ମେସିନ୍‌ର ବ୍ୟବହାର ବନ୍ଦ ହୋଇଯାଇଥିବା ଅଭିଯୋଗ ହେଉଛି। ସହରରେ ଏବେ ଏକମାତ୍ର ଟିଫା ମେସିନ୍ ଟ୍ରାକ୍ଟରରେ ଲଦି ବୁଲାଯାଉଛି। ଦିନକୁ ଦୁଇଟି ଓ୍ୱାର୍ଡ଼ ହିସାବରେ ଟିଫା ମେସିନ୍ ବୁଲୁଛି। ଏହା ପୁଣି ବର୍ଷକୁ ଥରେ କିମ୍ବା ଦୁଇଥର ସହରରେ ଧୂଆଁ ପ୍ରୟୋଗ କରୁଥିବାରୁ ମଶାଙ୍କ ଦୌରାତ୍ମ୍ୟ ଦିନକୁ ଦିନ ବୃଦ୍ଧି ପାଉଛି। ଏହାକୁ ନେଇ ଅନେକ କର୍ପୋରେଟର ଅସନ୍ତୋଷ ବ୍ୟକ୍ତ କରିବା ସହ ନୂତନ ମେସିନ୍ କ୍ରୟ କରିବାକୁ ଦାବି କରୁଛନ୍ତି। ଏ ବାବଦରେ ସାନିଟେସନ୍ ବିଭାଗ ଅବଗତ ଥିବା ସିଟି ହେଲ୍‌ଥ ଅଫିସର ଡ଼ା. ମାସନ ରଞ୍ଜନ ପଣ୍ଡା କହିଛନ୍ତି।

# ମହାକାଳପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରରେ କାୟାକଳ୍ପ ଟିମ୍‌ର ସ୍ୱାସ୍ଥ୍ୟସେବା ତଦାରଖ

**ମହାକାଳପଡ଼ା, ନ୍ୟୁଜ୍ ବ୍ୟୁରୋ**



ମହାକାଳପଡ଼ା ସଦର ମହକୁମାରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିଲେ ରାଜ୍ୟସ୍ତରୀୟ କାୟାକଳ୍ପ ମୂଲ୍ୟାଙ୍କନ ଦଳ। ମହାକାଳପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିବା ସହ ସ୍ୱାସ୍ଥ୍ୟ ସେବାର ବ୍ୟବସ୍ଥାକୁ ତଦାରଖ କରିଛନ୍ତି। ଏହି ଟିମ୍‌ର ସଦସ୍ୟମାନେ ପୂର୍ବରୁ ରାଜନଗର, ପଟ୍ଟାମୁଣ୍ଡାଇ, ଆଳି, ରାଜକନିକା, ଇନ୍ଦୁପୁର ଆଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୂଲ୍ୟାଙ୍କନ କରିସାରିଛନ୍ତି। ମହାକାଳପଡ଼ା ଓ ପାଟକୁରା ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିଥିଲେ ରାଜ୍ୟସ୍ତରୀୟ କାୟାକଳ୍ପ ମୂଲ୍ୟାଙ୍କନ ଦଳ। ଏହି ଟିମ୍‌ର ସଦସ୍ୟମାନେ ସ୍ୱାସ୍ଥ୍ୟକେନ୍ଦ୍ରର ଶୌଚାଳୟ, ପ୍ରସୂତୀ କକ୍ଷ ବ୍ୟବସ୍ଥା, ବର୍ଜ୍ୟବସ୍ତୁ ପରିଚାଳନା, ବର୍ହିବିଭାଗ, ଅନ୍ତଃ ବିଭାଗ ସେବା, ନିଦାନ ସେବା, ଟିକାକରଣ, ଔଷଧ ବିତରଣ ବ୍ୟବସ୍ଥା, ପରିମଳ ବ୍ୟବସ୍ଥା ଇତ୍ୟାଦି ତଦାରଖ କରିବା ସହିତ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକ୍ଷକ ଡକ୍ଟର ନିରଞ୍ଜନ କର ଓ ଗୋଷ୍ଠୀ ଜନସ୍ୱାସ୍ଥ୍ୟ ଅଧିକାରୀ ଅଂଶୁମାନ କରଙ୍କ ସହିତ ସମସ୍ତ ବିଭାଗର ସେବା ପ୍ରଦାନକାରୀ ମାନଙ୍କ ସହିତ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ପୂର୍ବାହ୍ନରେ ଏହି ଦଳ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିବା ପରେ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସେମାନଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା କରାଯାଇଥିଲା। ବିଭିନ୍ନ ଗ୍ରୁପ୍‌ରେ ବିଭକ୍ତ ହୋଇ ସଦସ୍ୟମାନେ ଡାକ୍ତରଖାନାର ବିଭିନ୍ନ କକ୍ଷ ବୁଲିବା ସହିତ ନଥିପତ୍ର ମଧ୍ୟ ପରଖିଥିଲେ। ଏହି ଟିମ୍‌ରେ ଆଡ଼ିସିନାଲ୍ ଡାଇରେକ୍ଟର ଟିବି ଡାକ୍ତର ପ୍ରଶାନ୍ତ କୁମାର ହୋତା, କନସୁଲଟାଣ୍ଟ କ୍ଲିନିକାଲ୍ ନର୍ସିଂର ଡାକ୍ତର ବାଲା ଚନ୍ଦ୍ରନ ବିଏଲ, ଟିକାକରଣ ପରାମର୍ଶଦାତା (ୟୁନିସେଫ୍) ଡାକ୍ତର ଅନିଲ୍ ପଟ୍ଟନାୟକ, ଡାକ୍ତର ସଚିଦାନନ୍ଦ ମିଶ୍ର ପ୍ରମୁଖ ଏହି ଟିମ୍‌ରେ ସାମିଲ ଥିଲେ। ଏଥିସହିତ ଡାକ୍ତର ନୃପେନ ଶତପଥି, ଅମିତ କୁମାର ପଣ୍ଡା, ଗୋଷ୍ଠୀ କାର୍ଯ୍ୟକ୍ରମ ପରିଚାଳନା କେନ୍ଦ୍ରର ପିଏଚଇଓ, ବିପିଏମ, ବିଏଏମ୍, ବିବିଏମ୍, ଏମଆରଏ ଅଧିକାରୀମାନେ ସହଯୋଗ କରିଥିଲେ। ମହାକାଳପଡ଼ା କାର୍ଯ୍ୟକ୍ରମ ସରିବା ପରେ ଏହି ଟିମ୍‌ର ସଦସ୍ୟମାନେ ପାଟକୁରା ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇଥିଲେ।

# ଇମ୍ମା ପକ୍ଷରୁ ବହୁମୁଖୀ ଦାତବ୍ୟ ସ୍ୱାସ୍ଥ୍ୟସେବା

**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**

ଇମ୍ମା ଶିଳ୍ପଗୋଷ୍ଠୀର ସାମାଜିକ ଦାୟିତ୍ୱବୋଧ ଶାଖା ବଂଶୀଧର ଇଲାପଣ୍ଡା ଫାଉଣ୍ଡେସନ୍ ଆନୁକୁଲ୍ୟରେ ଚୌଦ୍ୱାର ପୌରପାଳିକା ୧୬ ନମ୍ବର ଓ୍ୱାର୍ଡ଼ରେ ଏକ ବହୁମୁଖୀ ଦାତବ୍ୟ ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଶାରଦାନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଗୁରୁବାର ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଇମ୍ମାର ଉପ ସଭାପତି ବିନୟ ଅଗ୍ରୱାଲା ଓ ଚୌଦ୍ୱାର ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। କଳିଙ୍ଗ ହସ୍‌ପିଟାଲ୍‌ର ଡା. ଇନ୍ଦ୍ରଜିତ ଦେ (ଅସ୍ଥି ଶଲ୍ୟ), ଡା. କୁସୁମ ଦାସ (ସ୍ତ୍ରୀ ଓ ପ୍ରସୂତୀ), ଡା. ଜ୍ୟୋତିର୍ମୟୀ (ଶିଶୁ), ଡା. ପି.କେ. ରାଉତ, ଡା. ସବ୍ୟସାଚୀ ମହାପାତ୍ର ପ୍ରମୁଖ ଅଞ୍ଚଳର ୨୪୩ ଜଣ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଫାଉଣ୍ଡେସନ୍ ତରଫରୁ ରୋଗୀମାନଙ୍କୁ ଔଷଧ ବଣ୍ଟନ କରାଯାଇଥିଲା। ଇମ୍ମାର ସାଧରଣ ପ୍ରଶାସକ ଜି. ଶାରଦା ପ୍ରସାଦ ରାଓ, କାଉନସିଲର ଅଜିନୀ ବେହେରା, ସୁଜାତା ସାହୁ, ରଞ୍ଜୁଲତା ଦାସ, ଦିଲ୍ଲୀପ କୁମାର ଭୂୟାଁ, ଅଜୟ କୁମାର ବେହେରା ପ୍ରମୁଖ କାଉନସିଲର ଏଥିରେ ଅତିଥି ଭାବେ ଯୋଗଦେଇଥିଲେ। ଇମ୍ମାର ଲୋକ ସମ୍ପର୍କ ଉପସାଧାରଣ ପ୍ରଶାସକ ଧ୍ରୁବଚରଣ ରାଉତଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଇମ୍ମାର ଅଧିକାରୀ ଲଲାଟ କିଶୋର ମାନସ କୁମାର ପଣ୍ଡା, ମାନସ ରଞ୍ଜନ ପ୍ରଧାନ, ଦେବାଶୀଷ ତ୍ରିପାଠୀ, ଉମେଶ ଚନ୍ଦ୍ର ପଟ୍ଟନାୟକ, ଆଶୀଷ ଦାସ ପ୍ରମୁଖ ପରିଚାଳନା କରିଥିଲେ। ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ମାନେ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ପଲସ ପୋଲିଓ ଟିକାକରଣ ନିମନ୍ତେ ଜିଲ୍ଲାସ୍ତରୀୟ ଟାସ୍କଫୋର୍ସ କମିଟି ବୈଠକ

**ବାଲେଶ୍ୱର, ନ୍ୟୁଜ୍**



ସ୍ଥାନୀୟ ମହାତ୍ମା ଗାନ୍ଧୀ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ନିର୍ଦ୍ଦେଶ କ୍ରମେ ପଲସ୍ ପୋଲିଓ ଟିକାକରଣ ନିମନ୍ତେ ଜିଲ୍ଲାସ୍ତରୀୟ ଟାସ୍କଫୋର୍ସ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ ଡଃ ଦୁଲାଲସେନ ଜଗଦେବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଆସନ୍ତା ମାର୍ଚ୍ଚ ୩ ରୁ ୫ ତାରିଖରେ ହେବାକୁ ଥିବା ପଲସ୍ ପୋଲିଓ ଅଭିଯାନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥି ନିମନ୍ତେ ଜିଲ୍ଲାରେ ୧ ହଜାର ୬୩ କେନ୍ଦ୍ରରେ ଜନ୍ମରୁ ପାଞ୍ଚ ବର୍ଷ ବୟସ ପର୍ଯ୍ୟନ୍ତ ପିଲାମାନଙ୍କୁ ପୋଲିଓ ବୁନ୍ଦା ଦିଆଯିବାର ବ୍ୟବସ୍ଥା କରାଯାଇଛି। ୨ ହଜାର ୧୨୯ଟି ଟିମ୍ ଗଠନ କରାଯାଇଛି। ସେହି ଟିମ୍‌ରେ ୪ ହଜାର ୨୫୨ ଜଣ କର୍ମୀ ରହି ପିଲାମାନଙ୍କୁ ପୋଲିଓ ବୁନ୍ଦା ଦେବା ସହିତ ୨୦୯ ଜଣ ସୁପରଭାଇଜର କାର୍ଯ୍ୟକୁ ତଦାରଖ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ପ୍ରତ୍ୟେକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଦ୍ୱାରା ମାଇକ୍ ଦ୍ୱାରା ପ୍ରଚାର କରିବା ସହିତ ବ୍ୟାନର, ପୋଷ୍ଟର ଲଗାଯାଇଛି। ଏହା ସହିତ ଜିଲ୍ଲାସ୍ତରରେ ଜିଲ୍ଲାପାଳଙ୍କ ସଭାପତିତ୍ୱରେ ଜିଲ୍ଲାସ୍ତରୀୟ ଟାସ୍କଫୋର୍ସ କମିଟି ଗଠନ କରାଯାଇଛି। ସେହିଭଳି ବ୍ଲକ ସ୍ତରରେ ମଧ୍ୟ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ସଭାପତିତ୍ୱରେ ବ୍ଲକ ସ୍ତରୀୟ ଟାସ୍କଫୋର୍ସ କମିଟି ଗଠନ କରାଯାଇଛି। ୪ ଓ ୫ ତାରିଖରେ ସ୍ୱାସ୍ଥ୍ୟ କର୍ମଚାରୀମାନେ ଘରକୁ ଘର ବୁଲି ପିଲା ଚିହ୍ନଟ କରି ପିଲାକୁ ପୋଲିଓ ବୁନ୍ଦା ଦେବାର ବ୍ୟବସ୍ଥା କରାଯାଇଛି। ଜିଲ୍ଲାର ସମସ୍ତ ବିଭାଗୀୟ ଅଧିକାରୀ, ଏନ.ଜି.ଓ ମାନଙ୍କୁ ଅଭିଯାନକୁ ସଫଳ କରିବା ଏବଂ ଟିକାକରଣରୁ କୌଣସି ଶିଶୁ ଯେପରି ବାଦ ନପଡନ୍ତି ସେଥି ପ୍ରତି ପଦକ୍ଷେପ ନେବାକୁ ବୈଠକରେ ଅନୁରୋଧ କରାଯାଇଥିଲା। ସୂଚନାଯୋଗ୍ୟ କି, ଏହି ବୈଠକରେ ସ୍ୱାସ୍ଥ୍ୟ ଓ ଅନ୍ୟାନ୍ୟ ବିଭାଗର ଅଧିକାରୀ, ବିଭିନ୍ନ ବେସରକାରୀ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ସମ୍ ସର୍ଜନଙ୍କ ସଫଳ ଚିକିତ୍ସା: ଏଣ୍ଡୋସ୍କୋପିକ୍ ସର୍ଜରୀ ଦ୍ୱାରା ସୁସ୍ଥ ହେଲେ ଆଫ୍ରିକୀୟ ରୋଗୀ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**



ସମ୍ ଅଲ୍ଟିମେଟ୍ ମେଡିକେୟାର (ସମ୍)ର ସର୍ଜନମାନେ ଏଣ୍ଡୋସ୍କୋପିକ୍ ସର୍ଜରୀ ଦ୍ୱାରା ଜଣେ ୮୦ ବର୍ଷୀୟ ଆଫ୍ରିକୀୟ ବ୍ୟକ୍ତିଙ୍କ ଠାରେ ସଫଳତାର ସହ ଚିକିତ୍ସା କରିଛନ୍ତି। ଏହି ବୃଦ୍ଧ ଜଣକ କାମେରୁନ୍‌ର ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜୋସେଫ୍ ୟୋମସି। ସେ ମୁଣ୍ଡବ୍ୟଥା ଏବଂ ନାକ ଅବରୋଧ ରୋଗରେ ପୀଡ଼ିତ ହୋଇ କଷ୍ଟ ପାଉଥିଲେ। ଏହା ସାଇନସ୍ ରୋଗର ଲକ୍ଷଣ ବୋଲି ଜଣାପଡିଥିଲା। ଏଭଳି ରୋଗରେ ପୀଡ଼ିତ ୟୋମସି ନାକ ଅବରୋଧ, ତଥା ଜ୍ୱର ଜନିତ ସମସ୍ୟା, ଶ୍ୱାସକ୍ରିୟାରେ ଅସୁବିଧା, ଶୋଇବାରେ ସମସ୍ୟା, ସ୍ନାନ କରିବା ଏବଂ ନିଶ୍ୱାସ ନେବାରେ ସମସ୍ୟା ହେବାରୁ ସେ ଡାକ୍ତରଖାନାକୁ ଆସିଥିଲେ। ଇମେଜିଂ ଏବଂ ଏଣ୍ଡୋସ୍କୋପିକ୍ ସର୍ଜରୀ ମାଧ୍ୟମରେ ଏହି ଅବସ୍ଥାରେ ସଫଳ ଚିକିତ୍ସା କରାଯାଇଥିଲା ବୋଲି ସମ୍‌ର ସିନିୟର କନ୍‌ସଲ୍‌ଟାଣ୍ଟ ତଥା ଇଏନ୍‌ଟି ଏବଂ ସ୍କଲ୍ ବେସ୍ ସର୍ଜରୀର ମୁଖ୍ୟ ଡାକ୍ତର ରାଧାମାଧବ ସାହୁ କହିଛନ୍ତି। ରୋଗୀଙ୍କ ବୟସକୁ ଦୃଷ୍ଟିରେ ରଖି ଏହି ସର୍ଜରୀକୁ ନାକ ସହକାରେ କରାଯାଇଥିଲା। ହସ୍ପିଟାଲରେ ହେଉଥିବା ସଫଳ ଅସ୍ତ୍ରୋପଚାର, ତୁଳନାତ୍ମକ ଭାବେ କମ୍ ଖର୍ଚ୍ଚ ଏବଂ ଉତ୍କୃଷ୍ଟ ତଥା ଆଧୁନିକ ଚିକିତ୍ସା ବ୍ୟବସ୍ଥା ନିମନ୍ତେ ଅନେକ ସଂଖ୍ୟାରେ ବିଦେଶୀ ଓ ଏନଆରଆଇ ବ୍ୟକ୍ତିମାନେ ସମ୍‌ରେ ଚିକିତ୍ସିତ ହେବାକୁ ପସନ୍ଦ କରୁଛନ୍ତି ବୋଲି ଡାକ୍ତର ସାହୁ କହିଛନ୍ତି।

# ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ

(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)

ମୋବାଇଲ-୯୩୩୭୬୯୩୦୨୨

csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର




**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୭୮, ହିଜରୀ - ୧୪୪୫, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

**ତା୩।୩।୨୦୨୪, ଫାଲ୍‌ଗୁନ ଦ୨୦ନ, ରବିବାର**

**ସୂର୍ଯ୍ୟୋଦୟ- ଘ୦୬।୦୫।୩୭ ଚନ୍ଦ୍ରୋଦୟ- ରାଘ ୧୨।୩୬।୧୨**

ସପ୍ତମୀ - ଦିଘ ୮।୪୬ ପର୍ଯ୍ୟନ୍ତ। ଅନୁରାଧା ନକ୍ଷତ୍ର- ଦିଘ ୩।୫୪ ପର୍ଯ୍ୟନ୍ତ। ବିଛା ଚନ୍ଦ୍ର - ଅହୋରାତ୍ର। **ଚନ୍ଦ୍ର ଶୁଦ୍ଧି-** ବୃଷ, ମିଥୁନ, ସିଂହ, କନ୍ୟା, ବିଛା, ଧନୁ, ମକର ଓ କୁମ୍ଭ ରାଶିର। **ଘାତଚନ୍ଦ୍ର-** ନାସ୍ତି। **ଶ୍ରାଦ୍ଧ ନିର୍ଣ୍ଣୟ-** ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ତାଳ ଦିଘ ୮।୪୬ ପରେ ନଡ଼ିଆ ଖାଇବା ମନା। **ଆଜିର ଶୁଭବେଳା-** ପ୍ରାଘ ୬।୦୮ ଗତେ ଘ ୧୦।୦୧ ମଧ୍ୟେ। ଦିଘ ୧।୨୬ ଗତେ ଘ ୧।୫୫ ମଧ୍ୟେ।



**ମେଷ:** ଚାକିରୀ କ୍ଷେତ୍ରରେ ସମସ୍ୟା ଦେଖାଦେଇପାରେ। ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ। ମହିଳାମାନେ ଅସ୍ଥିର ରହିବେ। ଘରେ ଅଶାନ୍ତି ଓ କଳହ ଦେଖାଦେବ। ନୂତନ ବନ୍ଧୁଙ୍କ ସହ ଭେଟ ହେବ।



**ବୃଷ:** କର୍ମକ୍ଷେତ୍ରରେ ସଫଳତା ହାସଲ ହେବାର ସୂଚନା। ଦେହ ଓ ମନ ଭଲ ରହିବ। ଦାମ୍ପତ୍ୟ ଜୀବନ ମଧୁରମୟ ହେବ। ରୋଜଗାର ଭଲ ହେବ। ପରୋପକାର କରି ଆନନ୍ଦି ହେବାର ସୂଚନା।



**ମିଥୁନ:** ବେପାର ବାଣିଜ୍ୟ କ୍ଷେତ୍ରରେ ଲାଭବାନ୍ ହେବେ। ଦୂରଯାତ୍ରା କରି ସଫଳତା ହାସଲ କରିବେ। ଆୟ ଓ ବ୍ୟୟ ସମାନ ରହିବ। ଘରେ ଶାନ୍ତିର ବାତାବରଣ ରହିବ। ବନ୍ଧୁଙ୍କ ସହଯୋଗ ପ୍ରାପ୍ତ ହେବ।



**କର୍କଟ:** ଆଜି ଆପଣଙ୍କର ଦିନଟି ଭଲରେ କଟିବ। ଶୁଭ କାର୍ଯ୍ୟ ନିମନ୍ତେ ଦିନଟି ଅନୁକୂଳ ଅଟେ। ନୂତନ ଦ୍ରବ୍ୟ କ୍ରୟ କରିପାରନ୍ତି। ରୋଜଗାର ମଧ୍ୟମ ଧରଣର ହେବ। ଘରେ ଆନନ୍ଦ ଲାଭ।



**ସିଂହ:** ଆୟ ଅପେକ୍ଷା ବ୍ୟୟର ମାତ୍ରା ଅଧିକ ହେବ। ଏଣୁ ମାନସିକ ଦୁଶ୍ଚିନ୍ତା ଦେଖାଦେବ। ମନ ବିଚଳିତ ରହିବ। ପାରିବାରିକ କଳହ ଦେଖାଦେଇପାରେ। ସତ କଥା କହି ନିଜ ଲୋକଙ୍କ ପାଖେ ଖରାପ ହେବେ।



**କନ୍ୟା:** ନିଜର ଅନିଚ୍ଛା ସତ୍ତ୍ୱେ ଦୂରକୁ ଯାତ୍ରା କରିବାକୁ ପଡ଼ିପାରେ। ଶତ୍ରୁଙ୍କ ଠାରୁ ସତର୍କ ରୁହନ୍ତୁ। ରୋଜଗାର ସ୍ଥିର ରହିବ। ଘରେ ସୁଖ ଶାନ୍ତି ରହିବ। ବ୍ୟବସାୟ ମଧ୍ୟମ ଧରଣର ହେବାର ସୂଚନା।



**ତୁଳା:** ପୁରାତନ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ। ଏଣୁ ମନ ପ୍ରଫୁଲ୍ଲ ରହିବ। ମହିଳାମାନେ ସୁଖୀ ହେବେ। ଆୟ ଓ ବ୍ୟୟ ସମାନ ରହିବ। ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବାର ସୂଚନା।



**ବିଛା:** ଆଜି ଆପଣଙ୍କର ଦିନଟି ଆନନ୍ଦରେ କଟିବ। ଶରୀର ସୁସ୍ଥ ରହିବ। ବେପାର ବାଣିଜ୍ୟ କ୍ଷେତ୍ରରେ ଲଭାବାନ୍ ହେବେ। ଆର୍ଥିକ ସ୍ଥିତି ସୁଦୃଢ଼ ହେବ। ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ।



**ଧନୁ:** କର୍ମକ୍ଷେତ୍ରରେ ସହକର୍ମୀ ଅସହଯୋଗ ମନକୁ ଦୁଶ୍ଚିନ୍ତା ଆଣିବ। ପାରିବାରିକ ସମସ୍ୟାର ସମାଧାନ ହୋଇଯିବ। ରୋଜଗାର ଭଲ ହେବ। ଘରେ ଶାନ୍ତିର ବାତାବରଣ ରହିବାର ସୂଚନା।



**ମକର:** କାର୍ଯ୍ୟକ୍ଷେତ୍ରରେ ମାନ ସମ୍ମାନ ବଢ଼ିପାରେ। ଶତ୍ରୁ ନାଶ ହେବେ। ସାଧନାରେ ସିଦ୍ଧି ଲାଭ କରିବେ। ଆୟ ଓ ବ୍ୟୟ ମଧ୍ୟମ ଧରଣର ହେବ। ଗୃହେ ଶାନ୍ତି ଲାଭ ହେବ। ମହିଳାମାନେ ସୁଖୀ ହେବେ।



**କୁମ୍ଭ:** କଠିନ ପରିଶ୍ରମ ହେତୁ ଶାରୀରିକ ଅସୁସ୍ଥତା ଦେଖାଦେଇପାରେ। ସାମାଜିକ ସ୍ତରରେ ସମ୍ମାନିତ ହୋଇପାରନ୍ତି। ରୋଜଗାର ସ୍ଥିର ରହିବ। ପାରିପାରିବ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ।



**ମୀନ:** କଚେରି ମାମଲାରେ ଶୁଣାଣି ବିଳମ୍ବ ହୋଇପାରେ। ଆଜିର ଯାତ୍ରାରେ ଲକ୍ଷ୍ୟ ହାସଲ ହେବ। ଆର୍ଥିକ ସ୍ଥିତି ଭଲ ରହିବ। ଘରେ ଆନନ୍ଦ ଦେଖାଦେବ। ଦେହ ଓ ମନ ଭଲ ରହିବ।

# ଦିବ୍ୟାଙ୍ଗ ସାଂସ୍କୃତିକ ଲୋକକଳା ଦଳଙ୍କ ସଚେତନତା କାର୍ଯ୍ୟକ୍ରମ



**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତି କରଣ ବିଭାଗର ନିଷ୍ପତି କ୍ରମେ ସିଦ୍ଧ ବଳଦେବଜୀଉ ଦୃଷ୍ଟି ଭଜନ ସନ୍ଧ୍ୟା ନାମକ ଦିବ୍ୟାଙ୍ଗ ଲୋକକଳା ଦଳ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତି କରଣ ବିଭାଗ ସୂଚନା, ଶିକ୍ଷା, ଯୋଗାଯୋଗ ଉପକ୍ରମ ମାଧ୍ୟମରେ ଉକ୍ତ ବିଭାଗର ପ୍ରମୁଖ ଲୋକାଭିମୁଖୀ ଯୋଜନାର ଜନସାଧାରଣଙ୍କ ନିକଟରେ ପ୍ରଚାର କାର୍ଯ୍ୟକ୍ରମ ମାଉସୀ ମା' ମନ୍ଦିର ଇଛାପୁର ଠାରେ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ପିତାମ୍ବର ସାମଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ, ଉପଖଣ୍ଡ ଅଧିକାରୀ ସୁରକ୍ଷା ଅଧିକାରୀ ରୂପାଲୀ ପ୍ରିୟଦର୍ଶିନୀ, ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ନିରଞ୍ଜନ ମେକାପ ପ୍ରମୁଖ ଯୋଗଦେଇ ପୌରାଞ୍ଚଳରେ ଏହି ଦଳ ୪ ଗୋଟି ସ୍ଥାନରେ କାର୍ଯ୍ୟକ୍ରମ ପରିବେଷଣ କରିବେ ବୋଲି ଜଣାଯାଏ। କେନ୍ଦ୍ରାପଡା, ଡେରାବିଶ, ପଟ୍ଟାମୁଣ୍ଡାଇ ଓ ମାର୍ଶାଘାଇ ବ୍ଲକରେ ୩ ଗୋଟି ସ୍ଥାନରେ କାର୍ଯ୍ୟକ୍ରମ କରି ଜନସାଧାରଣଙ୍କୁ ସଚେତନ କରାଇବେ ବୋଲି ଜଣାପଡିଛି।

e-paper www.sambadkalika.in
ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
30 YEARS
ସମ୍ବାଦ କଳିକା TM
The Sambad Kalika
E-mail : sambadkalikanews@gmail.com
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00
• ବର୍ଷ-୩୧ • ସଂଖ୍ୟା-୩୭ • ୩ ମାର୍ଚ୍ଚ ୨୦୨୪, ରବିବାର • ଭୁବନେଶ୍ୱର • Vol -31 • Issue-37 • 3rd March 2024, Sunday • Bhubaneswar
Licensed to post without pre-payment of postage No- BN-60/22-24

ରାଜନୀତିରୁ ଦୂରେଇବାର ନିଷ୍ପତ୍ତି ନେଲେ ଗମ୍ଭୀର








# ସନ୍ଥକବି ଭୀମ ଭୋଇଙ୍କ ବାଣୀ ମୋ ପାଇଁ ସର୍ବଦା ପ୍ରେରଣାର ଉତ୍ସ ହୋଇ ରହିବ: ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ

ଭୁବନେଶ୍ୱର/ରେଢାଖୋଲ, ୨।୩

ନ୍ୟୁଜ୍ ବ୍ୟୁରୋ

''ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁଦେଖୁ କେବା ସହୁ, ମୋ ଜୀବନ ପଛେ ନର୍କେ ପଡ଼ିଥାଉ ଜଗତ ଉଦ୍ଧାର ହେଉ'' । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶନିବାର ସମ୍ବଲପୁର ଜିଲ୍ଲା ରେଢାଖୋଲ ଗସ୍ତରେ ଆସି ଜନସାଧାରଣଙ୍କୁ ସମ୍ବୋଧିତ କରିବା ଅବସରରେ ସନ୍ଥକବି ଭୀମ ଭୋଇଙ୍କ ଏହି କବିତା ଆବୃତ୍ତି କରିଛନ୍ତି। ମହାମହିମ ଶ୍ରୀମତୀ ମୁର୍ମୁ କହିଛନ୍ତି, ସନ୍ଥକବି ଭୀମ ଭୋଇଙ୍କ ବାଣୀ ମୋ ପାଇଁ ସର୍ବଦା ପ୍ରେରଣାର ଉତ୍ସ ହୋଇ ରହିବ। ଯେଉଁଦିନ ରାଷ୍ଟ୍ରପତି ଭାବେ ଶପଥ ଗ୍ରହଣ କଲି,



ସେହିଦିନ ମଧ୍ୟ ମୁଁ ସନ୍ଥକବିଙ୍କୁ ମନେ ପକାଇଥିଲି । ଭୀମ ଭୋଇ ସାଧାରଣ ପରିବାରରେ ଜନ୍ମ ନେଇଥିଲେ ବି ଅସାଧାରଣ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ। ପିଲାଦିନରେ ସେ ବିଲବଣରେ ଗାଈ ଚରାଉଥିଲେ। ସେ ନିଜ ଲେଖନୀରେ ଏହା ଲେଖିଛନ୍ତି। ସେ ଗାଈ ଚରାଇଲା ବେଳେ ଝରଣା ପାଣି ପିଉଥିଲେ। ଘରିଆଡ଼େ ଗାଈମାନଙ୍କ ସହିତ ବୁଲୁଥିଲେ।

୪ ଦିନିଆ ଓଡ଼ିଶା ଗସ୍ତର ଅନ୍ତିମ ଦିନରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଆନୁଷ୍ଠାନିକ ଶିକ୍ଷା ବିନା ଉଚ୍ଚାଙ୍ଗ ସାହିତ୍ୟ ସୃଷ୍ଟି କରାଯାଇପାରେ ଓ ତାହାରି ମାଧ୍ୟମରେ ଜଗତକୁ ଦିଗ୍‌ଦର୍ଶନ *(ଭିତର ପୃଷ୍ଠାରେ)*

# ସାମୟିକ କଳା ଓ କ୍ରୀଡା ଶିକ୍ଷକଙ୍କ ପାରିଶ୍ରମିକ ୧୦ ହଜାର ଟଙ୍କାକୁ ବୃଦ୍ଧି

ଭୁବନେଶ୍ୱର, ୨।୩

ନ୍ୟୁଜ୍ ବ୍ୟୁରୋ

ରାଜ୍ୟର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଗୁଡିକରେ ନିୟୋଜିତ ସାମୟିକ କଳା ଓ କ୍ରୀଡା ପ୍ରଶିକ୍ଷକମାନଙ୍କ ମାସିକ ପାରିଶ୍ରମିକକୁ ରାଜ୍ୟ ସରକାର ସାତ ହଜାର ଟଙ୍କାରୁ ଦଶ ହଜାର ଟଙ୍କାକୁ ବୃଦ୍ଧି କରିଛନ୍ତି । ଏଣିକି ସେମାନଙ୍କ ମାସିକ ପାରିଶ୍ରମିକ ବର୍ଷକୁ ୧୦ ମାସ ପରିବର୍ତ୍ତେ ପୁରା ୧୨ ମାସ ପାଇଁ ପାଇବେ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି ଏବଂ ମାସିକ ୨୪ଟି ପିରିୟଡ ପରିବର୍ତ୍ତେ ୩୦ଟି ପିରିୟଡରେ ଶିକ୍ଷା ପ୍ରଦାନ କରିବେ। ଏହା ସହିତ ଅନ୍ୟ ସରକାରୀ କର୍ମଚାରୀ ମାନଙ୍କ ପରି ମହିଳା କଳା ଓ କ୍ରୀଡା ପ୍ରଶିକ୍ଷକମାନେ ଆବଶ୍ୟକସ୍ଥଳେ ମାତୃତ୍ୱ ଛୁଟି ମଧ୍ୟ



ପାଇପାରିବେ।

ସୂଚନାଯୋଗ୍ୟ ଯେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଜିଲ୍ଲା ଗସ୍ତ ଅବସରରେ ସେମାନେ ସେମାନଙ୍କ ଅସୁବିଧା ସମ୍ପର୍କରେ ଅଧ୍ୟକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତି ଦ୍ୱାରା ୪୬୦୫ ଜଣ କଳା ଶିକ୍ଷକ-ଶିକ୍ଷୟିତ୍ରୀ ଉପକୃତ ହେବେ।

ସୂଚନାଯୋଗ୍ୟ ଯେ ରାଜ୍ୟର କେତେକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପିଲାମାନଙ୍କ କଳା ଓ ଶାରୀରିକ ଶିକ୍ଷା ତାଲିମ ଦେବା ପାଇଁ ସାମୟିକ କଳା ଓ କ୍ରୀଡା ଶିକ୍ଷକ ନିୟୋଜିତ କରାଯାଇଛି।




30 YEARS
ସମ୍ବାଦ କଳିକା

# ୮ ବର୍ଷ ପରେ ଏଥର ଚାଉଳ ଉତ୍ପାଦନ ହ୍ରାସ ହେବ

ଆଠ ବର୍ଷ ପରେ ପ୍ରଥମ ଥର ଲାଗି ଦେଶରେ ଚାଉଳ ଉତ୍ପାଦନ ହ୍ରାସ ହେବା ଭଳି ସ୍ଥିତି ସୃଷ୍ଟି ହୋଇଛି। ୨୦୨୩-୨୪ରେ ହାରାହାରି ବୃଷ୍ଟିପାତ ସ୍ୱାଭାବିକ ଠାରୁ କମ୍ ରହିବା କାରଣରୁ ଧାନ ଚାଷ ପ୍ରଭାବିତ ହୋଇଛି। କିନ୍ତୁ ଗହମ ଚାଷ ସେଭଳି ପ୍ରଭାବିତ ହୋଇନାହିଁ। ସେଥିପାଇଁ ଗହମ ଉତ୍ପାଦନ ସାମାନ୍ୟ ୧.୩ ପ୍ରତିଶତ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି। ଦେଶ ଭିତରେ ଚାଉଳ ଦରବୃଦ୍ଧିକୁ ଦୃଷ୍ଟିରେ ରଖି ଗତ ଜୁଲାଇରେ ସରକାର ଚାଉଳ ରପ୍ତାନି ଉପରେ କଟକଣା ଲଗାଇଛନ୍ତି। ଏଭଳି ସ୍ଥଳେ ଭାରତ ଚାଉଳ ଉପରେ ନିର୍ଭରଶୀଳ ଥିବା ଦେଶଗୁଡ଼ିକର ସମସ୍ୟା ବଢ଼ିଯାଇଛି। ଚଳିତ ବର୍ଷର ଚାଉଳ ଉତ୍ପାଦନ ଯଦି ଆହୁରି କମ୍ ରହିବ ତେବେ ବିଶ୍ୱ ବଜାରରେ ଚାଉଳ ଦାମ୍ ବେଲଗାମ ହୋଇପଡ଼ିବା ଆଶଙ୍କା ଦେଖାଦେଇଛି। କୃଷି ଓ କୃଷକ ମନ୍ତ୍ରଣାଳୟ ଆକଳନ ଅନୁସାରେ ଜୁନ୍ ସୁଦ୍ଧା ଚାଉଳ ଉତ୍ପାଦନ ୧୨୩.୮ ନିୟୁତ ଟନ୍‌କୁ ହ୍ରାସ ପାଇବ। ସେହି ସମୟରେ ଗହମ ଉତ୍ପାଦନ ୧୧୨ ନିୟୁତ ଟନ୍‌ରେ ପହଞ୍ଚିବ। ଚଳିତ ବର୍ଷ ସାଧାରଣ ନିର୍ବାଚନ ହେବାକୁ ଯାଉଥିବା ବେଳେ ଚାଉଳ ଉତ୍ପାଦନରେ ହ୍ରାସ ଦରବୃଦ୍ଧିର କାରଣ ହୋଇପାରେ ଯାହା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସରକାର ପାଇଁ ମୁଣ୍ଡବ୍ୟଥାର କାରଣ ହେବ। ଦେଶ ଭିତରେ ଚାଉଳ ଦାମ୍‌କୁ ନିୟନ୍ତ୍ରଣରେ ରଖିବା ଉପରେ ସରକାରଙ୍କୁ ଧ୍ୟାନ ଦେବାକୁ ପଡ଼ିବ। ବିଶ୍ୱ ବଜାର ପାଇଁ ଆଉ ଏକ ସମସ୍ୟା ହେଉଛି ଅନ୍ୟ ପ୍ରମୁଖ ଚାଉଳ ଉତ୍ପାଦନକାରୀ ରାଷ୍ଟ୍ର ଯଥା ଥାଇଲ୍ୟାଣ୍ଡ, ଭିଏତନାମ, ପାକିସ୍ତାନ ଓ ମ୍ୟାମାରରେ ମଧ୍ୟ ମହଜୁଦ ଥିବା ଚାଉଳ ପରିମାଣ କମ୍ ରହିଛି।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ସତ୍ୟ ଭାଗବତ

**ପ୍ରଥମ ଅଧ୍ୟାୟ**

**ଓଁ**

**'ଲକ୍ଷ୍ମୀ, ପଦ୍ମାଳୟା, ପଦ୍ମା,
କମଳା, ଶ୍ରୀ ହରପ୍ରିୟା
ଇନ୍ଦିରା, ଲୋକ ମାତା, ମା'
କ୍ଷୀରବ୍ଧୀ ତନୟା ରମା ।'**



ଶ୍ରୀ ଅଭିରାମ ସରସ୍ୱତୀ

ଦ୍ୱାପର ଯୁଗରେ ପ୍ରଭୁ
କି ମନ୍ତ୍ର ଧରିଲେ
ଦ୍ୱାପରର ଲୀଳାମାନ
ଭକତ ଦେଖିଲେ (୧୪୮)

ମନ୍ତ୍ର ଯନ୍ତ୍ର ତନ୍ତ୍ରମାନ
ତିନି ଯୁଗେ ହେଲା
କଳିରେ ଦେଖ ମାନବ
ଭିନ୍ନ ରୂପ ନେଲା (୧୪୯)

ହିନ୍ଦୁ, ଖ୍ରୀଷ୍ଟ, ମୁସଲିମ୍
କିଛି ଜାତି ନାହିଁ
ଭିନ୍ନା ଭିନ୍ନ କରୁଅଛି
ପ୍ରକୃତିଟି ତହିଁ (୧୫୦)

ଭାଗବତ ପଢି ଥୋକେ
ଭଗବାନ ହେଲେ
ରାମାୟଣ ପଢି ଥୋକେ
ରାମ ରାମ ହେଲେ (୧୫୧)

ବେଦକୁ ପଢିଣ ଥୋକେ
ବ୍ରାହ୍ମଣ ହୋଇଲେ
ଗୀତାକୁ ପଢିଣ ଥୋକେ
ତ୍ୟାଗ ଶିକ୍ଷା ଦେଲେ (୧୫୨)

କୋରାନ୍‌କୁ ପଢି ଥୋକେ
ନିର୍ବିକାର ହେଲେ
ବାଇବେଲ୍ ପଢି ଥୋକେ
ସେବା କାର୍ଯ୍ୟ କଲେ (୧୫୩)

ଆସୁଛି ଯାଉଛି ଜୀବ
ତତ୍ତ୍ୱ ନ ବୁଝିଲେ
ଭଜନକୁ ଛାଡି ଜୀବ
ଭାବ ନ ବୁଝିଲେ (୧୫୪)

ମୋର ମୋର କହି ସବୁ
ବାଉଳା ହୋଇଲେ
ଭକ୍ତ ଭଗବାନ ତତ୍ତ୍ୱ
କେହି ନପାଇଲେ (୧୫୫)

ଚାରି ଯୁଗ ପାଠ ଏକ
କଳିରେ ପୁରିଛି
ଏକ ଜଗନ୍ନାଥ ନାମ
ପାପୀକୁ ତାରୁଛି (୧୫୬)

ଏକାକ୍ଷର ଏକ ପଦ
ଓଁ କାରୁ କ୍ଷରୁଛି
ଭାବ ଜାଣି ସେବା କଲେ
ଉଦ୍ଧାର ହେଉଛି (୧୫୭)

ରକ୍ତ, ମାଂସ, ହାଡ, ଦେହ
ପୂଜା ପାଉଅଛି
କଳି ଯୁଗେ ଜଗନ୍ନାଥ
କାଠ ହୋଇଅଛି (୧୫୮)

କାହିଁ ପାଇଁ ଭଗବାନ
ଦାରୁ ପାଲଟିଲେ
କହି ପାରିବ ଭକତ
ପ୍ରଭୁ ସେବିଥିଲେ (୧୫୯)

ତିନି ଯୁଗେ ଯୋନିଜନ୍ମ
ପ୍ରଭୁ, ହୋଇଥିଲେ
ତନ୍ତ୍ର ମନ୍ତ୍ର ଯନ୍ତ୍ର ତତ୍ତ୍ୱେ
ଶରୀରେ ଖେଳିଲେ (୧୬୦)

ତେଣୁ କରି ଶୂନ୍ୟତତ୍ତ୍ୱ
କଳିରେ ହୋଇଛି
ନିର୍ବିକାର ଭାବମାନ
ଗୁପତେ ଖେଳୁଛି (୧୬୧)

କେ ରାମ ଭଜୁଛି ବେସି
କଳିଯୁଗେ ଦେଖ
କେ କୃଷ୍ଣ ଭଜୁଛି ବସି ପଢି
ଭାଗବତ (୧୬୨)

କିଏ ଆଲ୍ଲା କିଏ ଖ୍ରୀଷ୍ଟ
ଭଜେ ଦିନରାତି
ପ୍ରଭୁଙ୍କୁ ଭେଟିବା ତତ୍ତ୍ୱ
କେହି ନ ଜାଣନ୍ତି (୧୬୩)

ଘର ଦ୍ୱାର ଛାଡି କେତେ
ବାବାଜୀ ହେଲେଣି
ନିଜ ଘରକୁ ନଚିହ୍ନି
ତପସ୍ୟା କଲେଣି (୧୬୪)

(କ୍ରମଶଃ)

# ଗୌରୀଶଙ୍କର ଓ 'ଉତ୍କଳ ଦୀପିକା'

ଡକ୍ଟର ବୈଷ୍ଣବ ଚରଣ ସାମଲ

## ବାର୍ତ୍ତାମୁଖୀ ସମାଲୋଚନା ଓ 'ଉତ୍କଳ ଦୀପିକା'





ଉତ୍କଳ ଦୀପିକା

ଓଡ଼ିଆ ସାହିତ୍ୟରେ ସମାଲୋଚନାର ବିଧିବଦ୍ଧ ବିକାଶ ପୂର୍ବରୁ ସର୍ବପ୍ରଥମେ ଉତ୍କଳ ଦୀପିକାରେ ବାର୍ତ୍ତାମୁଖୀ ସମାଲୋଚନାର ଧାରା ଆରମ୍ଭ ହୋଇଥିଲା। ଏହି ଧାରା ପରବର୍ତ୍ତୀ କାଳରେ ବାଲେଶ୍ୱର ସମ୍ବାଦ ବାହିକା, ଉତ୍କଳ ପୁତ୍ର, ଓଡ଼ିଆ ଓ ନବ ସମ୍ବାଦ ପତ୍ର ପତ୍ରିକାରେ ପ୍ରଚଳିତ ହୋଇଥିଲା। ପ୍ରାଚୀନ ସାହିତ୍ୟ ସଂପକରେ ଯେପରି ଏ ସବୁ ପତ୍ରିକାମାନ ସଂକ୍ଷିପ୍ତ ସମାଲୋଚନା ସାମ୍ବାଦିକ ଶୈଳୀରେ ପ୍ରକାଶ କରୁଥଲେ ସେହି ପରି ମଧ୍ୟ ସମସାୟିକ ସାହିତ୍ୟ ସୃଷ୍ଟି ସଂପର୍କରେ ନାନା ମନ୍ତବ୍ୟ ପ୍ରଦାନ କରୁଥିଲେ। ଏ ଦିଗରେ 'ଉତ୍କଳ ଦୀପିକା' ଥିଲା ଅଗ୍ର ସାରଥୀ। ବ୍ୟାସକବି ଫକୀର ମୋହନ ସେନାପତିଙ୍କ ପ୍ରାଥମିକ ସୃଷ୍ଟି ସଂପର୍କରେ ସର୍ବ ପ୍ରଥମେ 'କସ୍ୟ ବିଚାରକସ୍ୟ'ଙ୍କ ପତ୍ର ମାଧ୍ୟମରେ ଦୀପିକାରେ ସମାଲୋଚନା ପ୍ରକାଶ ପାଇଥିଲା। ୧୮୬୭ ମସିହା ଫେବୃୟାରୀ ୨୪ ତାରିଖ ସଂଖ୍ୟାରେ ଫକୀର ମୋହନଙ୍କ 'ଜୀବନ ଚରିତ' ଗ୍ରନ୍ଥର ଭାଷା ପ୍ରୟୋଗ ବିଧି, ବାକ୍ୟ ଗଠନ ଶୈଳୀ ଇତ୍ୟାଦି ବିଷୟରେ ସମାଲୋଚନା କରାଯାଇଅଛି। ତାଙ୍କର ଭାଷା ଓ ବାକ୍ୟ ଗଠନରେ ବଙ୍ଗଳା ଭାଷାର ବହୁ ପ୍ରଭାବ ସମାଲୋଚକ ଦେଖାଇ ଅଛନ୍ତି। ଏହି ସମୟରୁ ହିଁ ଓଡ଼ିଆ ସମାଲୋଚନାର ଆରମ୍ଭ ହୋଇଅଛି। ପରେ ଫକୀରମୋହନ ନିଜର ଭାଷା ପ୍ରୟୋଗ ସଂପର୍କରେ ସତର୍କ ହେଲେ ଏବଂ ତାଙ୍କର ସାହିତ୍ୟ ହେଲା ଆଧୁନିକ ଓଡ଼ିଆ ସାହିତ୍ୟର ପ୍ରଧାନ ପ୍ରେରଣା।

'ଉତ୍କଳ ଦୀପିକା' ଏହି ବାର୍ତ୍ତାମୁଖୀ ସମାଲୋଚନା ମାଧ୍ୟମରେ ପରବର୍ତ୍ତୀ କାଳର ବିଭିନ୍ନ ସାହିତ୍ୟିକ କୃତି ସଂପର୍କରେ ପ୍ରକାଶ କରିଥିବା ଦେଖାଯାଏ। ପ୍ରାଚୀନ ସାହିତ୍ୟ ସଂପର୍କରେ ଯେପରି ଏହା ମନ୍ତବ୍ୟ ପ୍ରକାଶ କରିଅଛି ସେହିପରି ମଧ୍ୟ ଆଧୁନିକ ଯୁଗରେ ରଚିତ ବିଭିନ୍ନ ଗ୍ରନ୍ଥମାନଙ୍କ ବିଷୟରେ ସୁଚିନ୍ତିତ ମନ୍ତବ୍ୟ ପ୍ରକାଶ କରିଅଛି। 'ଉତ୍କଳ ଦୀପିକା'ର ମନ୍ତବ୍ୟ ଥିଲା ସେ କାଳର ନୂତନ ସୃଷ୍ଟ ସାହିତ୍ୟ ପ୍ରତି ଏକ ଯଥାର୍ଥ ଦିଗଦର୍ଶକ। ଓଡ଼ିଆ ଯାତ୍ରା ଓ ନାଟକ ସଂପର୍କରେ ଉତ୍କଳ ଦୀପିକା ମଧ୍ୟ ବିଭିନ୍ନ ସମୟରେ ନାନା ମନ୍ତବ୍ୟ ପ୍ରକାଶ କରିଅଛି। ଓଡ଼ିଆ ଯାତ୍ରା ସଂପର୍କରେ ଦୀପିକା ଲେଖିଥିଲେ ''ସଂପ୍ରତି ଓଡ଼ିଶାରେ ଯାହା ଯାତ୍ରା ନାମରେ ଖ୍ୟାତ ହୋଇଅଛି ଓ ଯାହାକୁ ନିରୁପାୟ ହୋଇ ଭଦ୍ରଲୋକମାନେ ପର୍ବ ବିଶେଷରେ ଦେଖିବାକୁ ବାଧ ହେଉଛନ୍ତି ତାହା ଅତ୍ୟନ୍ତ ଘୃଣିତ ଓ ତହିଁରେ ଓଡ଼ିଶାର ରୁଚିର ନିତାନ୍ତ କୁତ୍ସିତ ପରିଚୟ ପ୍ରାପ୍ତ ହୁଅଇ। ବଙ୍ଗଭାଷାରେ ହେଉ ପଛକେ ବାଲେଶ୍ୱରର ଓଡ଼ିଆମାନେ ଯେ ଏ ବ୍ୟବସାୟରେ ପ୍ରବୃତ୍ତ ହୋଇ ଅଛନ୍ତି ଏହାକୁ ଆମ୍ଭେମାନେ ଗୋଟିଏ ଶୁଭ ଲକ୍ଷଣ ବୋଲି ଅତ୍ୟନ୍ତ ଆଦର କରୁଅଛୁ। ଆମ୍ଭେମାନେ ଭରସା କରୁ ଯେ ଓଡ଼ିଆବାସୀମାନେ ଏହାକୁ ପ୍ରଚୁର ପରିମାଣରେ ଉତ୍ସାହିତ ଓ ସ୍ୱଦେଶାନୁରାଗୀ ମହାଶୟମାନେ ଏହାକୁ ସତ ପରାମର୍ଶ ଦେଇ ଓଡ଼ିଆ ଯାତ୍ରା କରିବାକୁ ପ୍ରବୃତ୍ତ କରାଇବେ। ଶିକ୍ଷିତ ଓ ହିତୈଷି ଲୋକଙ୍କ ସାହାଯ୍ୟ ବିନା ଏସବୁ ବ୍ୟାପାର ସାଧନ ହୋଇ ନପାରେ।'' ଏହି ସମାଲୋଚନା ସାମ୍ବାଦିକୀ। ତଥାପି ଏଥିରୁ ଓଡ଼ିଆ ଯାତ୍ରାର ସଂସ୍କାର ସଂପର୍କରେ ପ୍ରେରଣା ମିଳିଥାଏ। ପୁନଶ୍ଚ ଦୀପିକା ଯାତ୍ରା ସଂପର୍କରେ ଲେଖିଥିଲେ- ''ବର୍ତ୍ତମାନ ଓଡ଼ିଶାରେ ଯାହାକୁ ଯାତ୍ରା ବୋଲାଯାଏ ତାହା ରାମଲୀଳା, କୃଷ୍ଣଲୀଳା, ସୁଭଦ୍ରାହରଣ ପ୍ରଭୃତି ଅଟଇ। ପ୍ରଥମ ଦିଯୋଟି ବହୁତ ସ୍ଥଳରେ ଦେଖାଯାଏ, ଏମନ୍ତକି କଟକ ଜିଲ୍ଲାର ପ୍ରତି ବଡ ବଡ ଗ୍ରାମରେ ଏଥିରୁ ଏକ ଏକ ଆଖଡା ଅଛି। ସୁଭଦ୍ରା ହରଣ କେବଳ ଭଦରିଖିମାନେ କରନ୍ତି ମାତ୍ର ଆମ୍ଭେମାନେ ଯେଦେଦୂର ଦେଖିଅଛୁ କୌଣସି ଯାତ୍ରାରେ ସଙ୍ଗୀତର ବାସନା ସୁଦ୍ଧା ପାଇନାହୁଁ ଏବଂ ଆମ୍ଭମାନଙ୍କ ବିଶ୍ୱାସ ଏହି ଯେ ସଙ୍ଗୀତ କାହାକୁ ବୋଲାଯାଏ । ଯାତ୍ରାବାଲାମାନେ ଜାଣନ୍ତି ନାହିଁ କେବଳ ସଜବେଶ ହୋଇ ଗୁଡାଏ ପୋଥି ବୋଲନ୍ତି ବା କଥାବାର୍ତ୍ତା କରନ୍ତି ଓ ନାନା ପ୍ରକାର କଦର୍ଯ୍ୟ ଓ ଭଣ୍ଡରୂପ ଦେଖାଇ ଓ ଅଶ୍ଳୀଳ ବାକ୍ୟ ଉଚ୍ଚାରଣ କରି ଦର୍ଶକମାନଙ୍କୁ ସନ୍ତୁଷ୍ଟ କରନ୍ତି। ସଙ୍ଗୀତ ସହକାରେ ଯାତ୍ରା କରିବା ଆଦୌ ଏଠାରେ ଲୋକେ ଜାଣନ୍ତି ନାହିଁ।''

ଓଡ଼ିଆ ଯାତ୍ରା, ଲୀଳା ଓ ଗୀତିନାଟକ ସମ୍ପର୍କରେ ଦୀପିକା ଅନେକ ସମୟରେ ବିଭିନ୍ନ ମନ୍ତବ୍ୟମାନ ପ୍ରଦାନ କରିଅଛି। ରଘୁନାଥ ପରିଛାଙ୍କ ଗୀତି ନାଟକ 'ଗୋପୀନାଥ ବଲ୍ଲଭ' ସମ୍ପର୍କରେ ମଧ୍ୟ ଆଦ୍ୟ ସମାଲୋଚନା ଦୀପିକାରୁ ଦେଖିବାକୁ ମିଳିଥା।

'ବାବାଜୀ' ନାଟକ ତଥା 'କାଞ୍ଚି କାବେରୀ' ନାଟକ ସମ୍ପର୍କରେ 'ଦୀପିକା' ସୁଚିନ୍ତିତ ମନ୍ତବ୍ୟ ପ୍ରକାଶ କରିଅଛି। ବାବୁ ଜଗମୋହନ ଲାଲାଙ୍କ ରଚିତ ଓ କଟକ ପ୍ରିଣ୍ଟିଂ କମ୍ପାନୀ ଦ୍ୱାରା ମୁଦ୍ରିତ ବାବାଜୀ ନାଟକ ସମ୍ପର୍କରେ ଦୀପିକା କହନ୍ତି- 'ଆମ୍ଭେମାନେ ଏ ପୁସ୍ତକ ଖଣ୍ଡି ଅତ୍ୟନ୍ତ ସମାଦର ସହିତ ଗ୍ରହଣ କରିଅଛୁ। ଓଡ଼ିୟା ଭାଷାରେ ଏ ପର୍ଯ୍ୟନ୍ତ ନାଟକ ରଚନା ହୋଇ ନଥିଲା। ଏହି ପୁସ୍ତକ ତହିଁର ପ୍ରଥମ ଉଦ୍ୟମ ଅଟଇ। (କ୍ରମଶଃ)

# ଚକ୍ରବ୍ୟୂହରେ ପୁରୁଷ



ସୁବାସ କୁମାର ତାରଣିଆଁ
ମୋ : ୮୩୨୮୮୪୦୨୧୪
କଣ୍ଟି, ବାହାରଣା, ବାଲିକୁଦା, ଜଗତସିଂହପୁର

ନାରୀ ଓ ପୁରୁଷ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ହୋଇଥିଲେ ମଧ୍ୟ ନାରୀ ଅବଳା, ଦୁର୍ବଳା ବୋଲି ଆମ ସମାଜରେ ପ୍ରଚଳିତ ରହିଆସିଛି। ସମାଜରେ ପ୍ରତି ମୁହୂର୍ତ୍ତରେ ମହିଳାମାନେ ପୁରୁଷମାନଙ୍କ ଦ୍ୱାରା ନିର୍ଯାତିତ ଓ ଅବହେଳାର ଶିକାର ହୋଇ ଆସୁଛନ୍ତି ବୋଲି ବାରମ୍ବାର ଦାବି ହେବା ଫଳରେ ଏହାକୁ ରୋକିବା ପାଇଁ ମହିଳା ସଶକ୍ତିକରଣ ଓ ମହିଳା କମିଶନ ଗଠନ ହୋଇଛି। ଏହା ନାରୀ ନିର୍ଯାତନାକୁ ରୋକିବା ଏବଂ ମହିଳାମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ୍ କରିବା, ସେମାନଙ୍କୁ ଆତ୍ମସମ୍ମାନ ଓ ସ୍ୱାଭିମାନର ସହ ବଞ୍ଚିବା ପାଇଁ ପ୍ରେରଣା ଯୋଗାଇ ଆସଛି। ଏଥିପାଇଁ ରାଜ୍ୟ ସରାକର ମଧ୍ୟ ପୂର୍ଣ୍ଣମାତ୍ରାରେ ସହଯୋଗର ହାତ ବଢାଇ ଆସିଛନ୍ତି। ଅନେକ ସାମାଜିକ ଅନୁଷ୍ଠାନ, ବ୍ୟକ୍ତିବିଶେଷ ମହିଳାମାନଙ୍କ ସାମାଜିକ, ରାଜନୈତିକ, ପାରିବାରିକ ଓ ଅର୍ଥନୈତିକ ସ୍ଥିତିରେ ଉନ୍ନତି ଆଣିବା ପାଇଁ ସଂଗ୍ରାମ ଜାରି ରଖିଛନ୍ତି ଯାହା ଦେଶ ତଥା ରାଜ୍ୟ ପାଇଁ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ହେଲେ ଏହି ଆଇନ୍‌ର ଗଳାବାଟ ଅତିକ୍ରମ କରି ମହିଳାମାନେ ପୁରୁଷମାନଙ୍କ ଉପରେ ନିର୍ଯାତନା ଓ ଅତ୍ୟାଚର କରିବାକୁ ପଛାଉ ନାହାଁନ୍ତି। ଫଳରେ ମହିଳାମାନଙ୍କ ପରି ପୁରୁଷମାନେ ଏବେ ନିର୍ଯାତନାର ଶିକାର ହୋଇଚାଲିଛନ୍ତି। ଯାହାର ଅନେକ ଘଟଣା ସାମାଜିକ ଗଣମାଧ୍ୟମ ଜରିଆରେ ଲୋକଲୋଚନକୁ ଆସିପାରିଛି।

ଦାମ୍ପତ୍ୟ ଜୀବନରେ ମହିଳାମାନଙ୍କ ପରି ପୁରୁଷମାନେ ମଧ୍ୟ ନିର୍ଯାତନାର ଶିକାର ହେଉଛନ୍ତି। ବିବାହିତ ପୁରୁଷମାନେ ଘରୋଇ ହିଂସାର ଶିକାର ହୋଇ ଆତ୍ମହତ୍ୟା କରିବା ଘଟଣା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ମାତ୍ର ପୁରୁଷମାନଙ୍କ ଅଭିଯୋଗ ଶୁଣିବାକୁ କୌଣସି ବ୍ୟବସ୍ଥା ନାହିଁ କି କୌଣସି ସଂଗଠନ ତିଆରି ହୋଇନାହିଁ। ଜାତୀୟ ଅପରାଧ ରେକର୍ଡ଼ ବ୍ୟୁରୋ ୨୦୨୧ ମସିହା ତଥ୍ୟ ଅନୁଯାୟୀ ୩୩୨ ପ୍ରତିଶତ ପୁରୁଷ ପାରିବାରିକ ହିଂସା ଯୋଗୁ ମୃତ୍ୟୁବରଣ କରୁଛନ୍ତି। ସେଥିମଧ୍ୟରୁ ୪୮ ପ୍ରତିଶତ ଦାମ୍ପତ୍ୟ ଜୀବନରେ ହିଂସାର ଶିକାର ହୋଇ ମୃତ୍ୟୁବରଣ କରୁଥିବା ବେଳେ ଚଳିତବର୍ଷ ୧ ଲକ୍ଷ ୧୮ ହଜାର ୯୭୯ ଜଣ ପୁରୁଷ ଆତ୍ମହତ୍ୟା କରିଛନ୍ତି ଯାହାକି ୭୨ ପ୍ରତିଶତ ଅଟେ। ସେହିପରି ୪୫ ହଜାର ୨୬ ମହିଳା ଆତ୍ମହତ୍ୟା କରିଛନ୍ତି ଯାହାକି ୨୭ ପ୍ରତିଶତ ଅଟେ। ଏହାକୁ ଅନୁଧ୍ୟାନ କଲେ ମହିଳାଙ୍କ ମୃତ୍ୟୁ ଅପେକ୍ଷା ପୁରୁଷଙ୍କ ମୃତ୍ୟୁହାର ଅଧିକ। ତେଣୁ ମହିଳାଙ୍କ ଠାରୁ ପୁରୁଷମାନେ ଯେ ଅଧିକ ନିର୍ଯାତନାର ଶିକାର ହେଉଛନ୍ତି, ଏହାକୁ ମାନିନେବାକୁ ହେବ। ଏଥିଲାଗି ଜାତୀୟ ପୁରୁଷ କମିଶନ ଗଠନ ପ୍ରସ୍ତାବ ପାରିତ ହୋଇଥିଲେ ମଧ୍ୟ ଏହାକୁ ସୁପ୍ରମକୋର୍ଟ ଅଗ୍ରାହ୍ୟ କରିଦେଇଛନ୍ତି। ଏହାର ପିଟିସନ ଉପରେ ଶୁଣାଣି କରି ଖଣ୍ଡପୀଠ କହିଥିଲେ ଯେ, ପୁରୁଷମାନଙ୍କ କ୍ଷେତ୍ରରେ ହେଉଥିବା ଘରୋଇ ହିଂସାର ଯେ ପ୍ରତିକାର ନାହିଁ ତାହା ନୁହେଁ, ଆଇନରେ ଏହାକୁ ରୋକିବା ପାଇଁ ଅନେକ ବ୍ୟବସ୍ଥା ରହିଛି, ତେଣୁ ଜାତୀୟ ପୁରୁଷ କମିଶନ୍ ଗଠନର କୌଣସି ଆବଶ୍ୟକତା ନାହିଁ।

୨୦୨୦ ମସିହା ମାର୍ଚ୍ଚ ମାସରେ ମହାମାରୀ କରୋନା ଭୟଙ୍କର ରୂପ ଧାରଣ କରିଥିବା ସମୟରେ ରାଜମହଲ ଛକରେ ମାସ୍କ ଚେକିଂ ଚାଲିଥିଲା। ଜଣେ ଯୁବକ ମାସ୍କ ପିନ୍ଧିନଥିବାରୁ ସେଠାରେ ଉପସ୍ଥିତ ଥିବା ଟ୍ରାଫିକ୍ କର୍ମଚାରୀମାନେ ଯୁବକଙ୍କୁ ଅଟକାଇଥିଲେ। ଯୁବକଜଣକ ହେଲ୍‌ମେଟ ପିନ୍ଧିଥିଲେ, ଗାଡ଼ି କାଗଜପତ୍ର ଦେଖାଇଥିଲେ ଏବଂ ଏକ ଜରୁରୀ କାମରେ ଡ଼ାକ୍ତରଖାନା ଯାଉଥିବାରୁ ଭୁଲ୍‌ବଶତଃ ମାସ୍କ ପିନ୍ଧିବାକୁ ଭୁଲିଯାଇଥିଲେ ବୋଲି ଅନୁରୋଧ କରିଥିଲେ ମଧ୍ୟ ଟ୍ରାଫିକ୍ କର୍ମଚାରୀ ଯୁବକଜଣଙ୍କ ଗାଡ଼ିରୁ ଚାବି କାଢିନେଇ ଜରିମାନା ଦେବାକୁ ବାଧ କରୁଥିବା ସମୟରେ ଜଣେ ମହିଳା ବିନା ହେଲମେଟରେ ଓ ବିନା ମାସ୍କରେ ଏବଂ ଭୁଲ୍ ରାସ୍ତା ଦେଇ ଅଫିସ୍ ଯାଉଥିବା ସମୟରେ ଟ୍ରାଫିକ୍ କର୍ମଚାରୀ ତାଙ୍କୁ ଅଟକାଇଥିଲେ। ଏଇ ପାଖରେ ମୋର ଅଫିସ୍ ତେଣୁ ଏହି ରାସ୍ତା ଦେଇ ଅଫିସ୍ ଯାଉଛି ବୋଲି ମହିଳାଜଣଙ୍କ କହିଥିଲେ। ତେବେ ମାସ୍କ ପିନ୍ଧିନଥିବାରୁ ଜରିମାନା ଦେବାକୁ ପଡ଼ିବ କହିବାରୁ ମହିଳାଜଣକ ଜରିମାନା ଦେବା ବଦଳରେ ଟ୍ରାଫିକ୍ କର୍ମଚାରୀଙ୍କ ଉପରେ ରାଗିଯାଇ ବହେ ଗାଳି ଗୁଲଜ କରିଥିଲେ। ସେ ଯୁକ୍ତି କରିଥିଲେ ଯେ, ମୁଁ ହେଲ୍‌ମେଟ ପିନ୍ଧିବିନି, ମାସ୍କ ବ୍ୟବହାର କରିବିନି, ଯଦି କିଛି କ୍ଷତି ହୁଏ ତେବେ ମୋର ହେବ, ତମର ଯାଏ କେତେ ଆସେ କେତେ କହି ଟ୍ରାଫିକ୍ ପୋଲିସଙ୍କ ସହ ଯୁକ୍ତିତର୍କ କରିଥିଲେ ମଧ୍ୟ ସମସ୍ତେ ନୀରବଦ୍ରଷ୍ଟା ସାଜି ଘଟଣାକୁ ଉପଭୋଗ କରୁଥିଲେ। ଏହାପରେ ଯୁବକଜଣକ ଜରିମାନା ଦେଇଥିଲେ ମଧ୍ୟ ମହିଳାଜଣକ ଜରିମାନା ନଦେଇ ସେଠାରୁ ଚାଲି ଯାଇଥିଲେ। ୨୦୨୧ ମସିହା ସେପ୍ଟେମ୍ବର ମାସ, ରାତି ପ୍ରାୟ ୧୦ଘଟିକା ସମୟରେ ଜଣେ ଯୁବତୀ ତାଙ୍କର ପୁରୁଷବନ୍ଧୁଙ୍କ ସହିତ ପ୍ରଚୁର ମଦ୍ୟପାନ କରି ବାଣୀବିହାର ଓଭରବ୍ରିଜ ଦେଇ ଦ୍ରୁତଗତିରେ ଆସୁଥିବା ସମୟରେ ଜଣେ ଯୁବକଙ୍କ ଗାଡ଼ିକୁ ଧକା ଦେଇଥିଲେ। ଏଥିରେ ଯୁବକଙ୍କ ଗାଡ଼ିଟି ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯାଇଥିଲା ଓ ସେ କ୍ଷତାକ୍ତ ହୋଇ ରାସ୍ତାରେ ପଡ଼ିଥିବା ବେଳେ ଯୁବତୀଜଣକ ହଠାତ୍ ରାଗିଯାଇ ଯୁବକଙ୍କ ଗାଲରେ ଚାପୁଡ଼ା ପରେ ଚାପୁଡ଼ା ମାରିଥିଲେ। ଯୁବକ ଜଣକ ରାସ୍ତାରୁ ଉଠି କ'ଣ ପାଇଁ ମୋତେ ପିଟୁଛନ୍ତି ବୋଲି ପ୍ରତିବାଦ କରିବାରୁ ଉଭୟ ଯୁବତୀ ଏବଂ ତାଙ୍କର ପୁରୁଷବନ୍ଧୁ ମିଶି ତାଙ୍କୁ ମାଡ଼ ମାରି ଚାଲିଥିଲେ। ଖବର ପାଇ ପୋଲିସ୍ ସେଠାରେ ପହଞ୍ଚି ଦୁର୍ଘଟଣାର ଶିକାର ହୋଇଥିବା ଯୁବକଙ୍କୁ କାବୁ କରି ନେଇଥିଲେ। ଯୁବତୀ ଜଣକ ମୋର କୌଣସି ଭୁଲ୍ ନାହିଁ, ବରଂ ଏହି ଯୁବକ ଆମ ଗାଡ଼ିକୁ ଧକା ଦେଲା ବୋଲି ସଫେଇ ଦେଇ ଯୁବକଙ୍କୁ ଗାଳିକରି ଚାଲିଥିଲେ ଏବଂ ସେଠାରେ ଉପସ୍ଥିତ ଥିବା ଜନତା ଏହି ଦୃଶ୍ୟକୁ ଉପଭୋଗ କରିବା ସହିତ ନିଜ ନିଜ ମୋବାଇଲରେ ଫଟୋ ଉତ୍ତୋଳନ କରିଚାଲିଥିଲେ। ପୋଲିସ୍ ନୀରବଦ୍ରଷ୍ଟା ସାଜି ଅପେକ୍ଷା କରିଥିଲେ, କିପରି ଯୁବକଜଣକ ନିୟନ୍ତ୍ରଣ ହରାଇ ଯୁବତୀଙ୍କୁ ଆକ୍ରମଣ କରିବ ଏବଂ ପୋଲିସ୍ ଯୁବକଙ୍କୁ ଗିରଫ କରିବ।

୭, ଅଗଷ୍ଟ ୨୦୨୧ ବାଲକାଟି ଫାଣ୍ଡି ଅଞ୍ଚଳରେ ପରିକ୍ରିୟା ପ୍ରୀତି ଯୋଗୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିଲା। ଯୁବକଜଣକ ନିଆଳି ଅଞ୍ଚଳର ଜନୈକ ଯୁବତୀଙ୍କୁ ପ୍ରେମ ବିବାହ କରିଥିଲେ। ବିବାହର କିଛି ମାସ ପରେ ଯୁବତୀଜଣକ ଅନ୍ୟ ଜଣେ ଯୁବକଙ୍କ ସହ ସମ୍ପର୍କ ରଖି ଫୋନ୍‌ରେ ସବୁବେଳେ କଥାବାର୍ତ୍ତା ହେଉଥିଲେ। ଏଥିରେ ତାଙ୍କ ସ୍ୱାମୀଙ୍କର ସନ୍ଦେହ ହେବାରୁ ଉଭୟ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ମନୋମାଳିନ୍ୟ ଦେଖାଦେଇ ବିଭିନ୍ନ ସମୟରେ ଝଗଡ଼ା ହେଉଥିଲା। ସେଦିନ ରାତିରେ ଉଭୟେ ସ୍ୱାମୀ ଓ ସ୍ତ୍ରୀ ଶୋଇବା ଘରେ ବିଶ୍ରାମ ନେଇଥିଲେ। ହଠାତ୍ ରାତି ୧୦ଟା ସମୟରେ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏହାର ୧୫ ମିନିଟ୍ ପରେ ଶୋଇବା ଘରୁ ତାଙ୍କ ସ୍ୱାମୀଙ୍କ ମୃତଦେହ ମିଳିଥିଲା। ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ମୃତ ଯୁବକଙ୍କ ସ୍ତ୍ରୀ କହିଥିଲେ। ମାତ୍ର ତାଙ୍କ ଶ୍ୱଶୁର ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ସନ୍ଦେହ କରିଥିଲେ। ପୋଲିସ୍ ଏହାର ତଦନ୍ତ କରିଥିଲେ ଏବଂ ଶବ ବ୍ୟବଚ୍ଛେଦ ପରେ ଯୁବକଙ୍କ ମୁଣ୍ଡ ଏବଂ ସମ୍ବେଦନଶୀଳ ଅଙ୍ଗକୁ ଗଭୀର ଆଘାତ ଲାଗିଥିବାରୁ ତାଙ୍କ ମୃତ୍ୟୁ ଘଟିଥିଲା ଏବଂ ପରକ୍ରିୟା ପ୍ରୀତି ଯୋଗୁଁ ଏହି ହତ୍ୟାକାଣ୍ଡ ଘଟିଥିବା ଗଣମାଧ୍ୟମରୁ ଜଣାପଡ଼ିଥିଲା।

ସେହିପରି ୨୦୨୨, ଜାନୁୟାରୀ ୧୯ ତାରିଖରେ ଟ୍ରାଫିକ୍ ପୋଲିସ୍‌ଙ୍କ ସମ୍ମୁଖରେ ଜଣେ ଯୁବତୀଙ୍କ ହାଇଡ୍ରାମା ଦେଖିବାକୁ ମିଳିଥିଲା। ଜଣେ ଯୁବକଙ୍କ ଗାଡ଼ି ତାଙ୍କ ଗାଡ଼ିରେ ପିଟି ହୋଇଯିବାରୁ ଯୁବତୀଜଣକ ରାଗିଯାଇ ଯୁବକଙ୍କୁ ପିଟି ଚାଲିଥିଲେ। ଘଟଣାଟି ଘଟିଥିଲା ନାଲକୋ ଛକରେ। ଟ୍ରାଫିକ୍ ସିଗ୍ନାଲ ଦେବା ପୂର୍ବରୁ ଯୁବତୀଜଣକ ରାସ୍ତା ଅତିକ୍ରମ କରୁଥିବାରୁ ସବୁଜ ସଙ୍କେତ ପଟୁ ଆସୁଥିବା ଜଣେ ଯୁବକଙ୍କ ଗାଡ଼ି ତାଙ୍କୁ ଧକା ଦେଇଥିଲା। ଯଦିଓ ଏଥିରେ କାହାର କିଛି କ୍ଷତି ହୋଇନଥିଲା, କିନ୍ତୁ ଯୁବତୀଜଣକ ରାଗିଯାଇ ସର୍ବସମ୍ମୁଖରେ ଯୁବକଙ୍କୁ ପିଟି ଚାଲିଥିଲେ। ଯୁବତୀଙ୍କ ଭୁଲ୍ ଥିଲେ ମଧ୍ୟ ଟ୍ରାଫିକ୍ ପୋଲିସ୍ ଯୁବକଙ୍କୁ କାବୁ କରି ତାଙ୍କ ବାଇକ ଚାବି ଛଡ଼ାଇ ନେଇଥିଲେ। ଏହି ଘଟଣାରେ ଉପସ୍ଥିତ ଥିବା କୌଣସି ଜନତା ଯୁବତୀଙ୍କୁ ପ୍ରତିବାଦ କରିବାର ସାହସ ଜୁଟାଇ ନଥିଲେ, ବରଂ ପୋଲିସ୍‌ଠୁ ମୁକୁଳିଲା ପରେ ଯୁବକଙ୍କୁ ବହେ ଉତ୍ତମ ମଧ୍ୟମ ଦେବା ପାଇଁ କହିଥିଲେ। ପରେ ଯୁବତୀଜଣକ ସେଠାରୁ ନିଜ ଗାଡ଼ି ନେଇ ଚାଲିଯାଇଥିଲେ।

ଏଭଳି ଅନେକ ଘଟଣା ଘଟିଚାଲିଛି, ଯେଉଁଥିରେ ମହିଳାଙ୍କ ଦ୍ୱାରା ପୁରୁଷମାନେ ନିର୍ଯାତିତ ଓ ଅତ୍ୟାଚରିତ ହୋଇ ଚାଲିଛନ୍ତି। ଏହିସବୁ ଘଟଣାର ପ୍ରତିବାଦ କରିବାର ସାମର୍ଥ୍ୟ ଥିଲେ ମଧ୍ୟ ଆତ୍ମସମ୍ମାନ ଭୟରେ ପୁରୁଷମାନେ ସାହସ କରିପାରନ୍ତି ନାହିଁ। କାରଣ ସେ ଭଲଭାବେ ଅବଗତ ଅଛି ଯେ, ଏଭଳି ଘଟଣାର ପ୍ରତିବାଦ କଲେ, କାଲି ତାକୁ କାରାଗାରର ଚାରିକାନ୍ଥ ଭିତରେ ବନ୍ଦୀ ହୋଇ ରହିବାକୁ ପଡ଼ିବ, ଘରୋଇ ହିଂସାରେ ଅଭିଯୁକ୍ତ ଭାବେ କାଠଗଡ଼ାରେ ଛିଡ଼ା ହେବାକୁ ପଡ଼ିବ। ପାରିବାରିକ ହେଉ ବା ସାମାଜିକ କ୍ଷେତ୍ରରେ, ଯଦି ପୁରୁଷଟିଏ ମହିଳାମାନଙ୍କ ଦ୍ୱାରା ନିର୍ଯାତନାର ଶିକାର ହୁଏ, ତେବେ ଆଇନ ବା ସମାଜ ସେସବୁ ଦେଖିପାରେନା। ଆଇନ୍‌ରେ କେବଳ ପୁରୁଷଙ୍କୁ ଦଣ୍ଡବିଧାନ କରିବାର ବ୍ୟବସ୍ଥା ରହିଛି, କିନ୍ତୁ ପୁରୁଷମାନଙ୍କୁ ସମର୍ଥନ କଲାଭଳି କୌଣସି ଅନୁଷ୍ଠାନ ଏପର୍ଯ୍ୟନ୍ତ ଗଠନ ହୋଇପାରି ନାହିଁ କିମ୍ବା କୌଣସି ବ୍ୟକ୍ତିବିଶେଷ ଆଗେଇ ଆସିନାହାଁନ୍ତି। ଏ ବିଷୟରେ ରାଜ୍ୟ ସରକାର ଚିନ୍ତା କରିବା ସହିତ ଦୃଢ଼ ପଦକ୍ଷେପ ନେବା ଜରୁରୀ ହୋଇପଡ଼ିଛି। ତେବେ ସମୟ ଆସିବ ପୁରୁଷ ସଶକ୍ତିକରଣ ପାଇଁ, ପୁରୁଷମାନେ ରାଜରାସ୍ତାକୁ ଓହ୍ଲାଇବା ପାଇଁ ବାଧ ହେବେ।

# ଓଡ଼ିଶା ପ୍ରଦେଶକୁ ଖଣ୍ଡ ବିଖଣ୍ଡିତ କରା ନଯାଉ



ବିଷ୍ଣୁ ପ୍ରସାଦ ଦାସ
ସ୍ନେହ କୁଟୀର
ଝାଞ୍ଜିରୀ ମଙ୍ଗଳା,
କଟକ-୭୫୩୦୦୯
ମୋ : ୯୯୩୭୧୭୪୦୯୭

ସମ୍ପ୍ରତି ପ୍ରତିଟି ଛୋଟ ବଡ଼ ବିଷୟକୁ ନେଇ ରାଜନେତା ବୃନ୍ଦ ତଥା ଶିକ୍ଷିତ ସମାଜ , ଜନ ସାଧାରଣ, ଚଳଚିତ୍ର ଶିଳ୍ପ, ପରିବହନ ଶିଳ୍ପ , ବ୍ୟବସାୟୀ ଗୋଷ୍ଠୀ , ବୁଦ୍ଧିଜୀବୀ , ଓକିଲ ସଙ୍ଘ ଆଜି ନିଜ ସ୍ୱାର୍ଥ ପାଇଁ ଓଡ଼ିଶା ପ୍ରଦେଶକୁ ବିଭାଜିତ କରିବା ପାଇଁ ଏକପ୍ରକାର ବୃଥା ଧମକ ଦେଇ ଚାଲିଛନ୍ତି । ଏସବୁ କରିବା ପୂର୍ବରୁ ସେମାନେ ଏକାଧିକବାର ଚିନ୍ତା କରନ୍ତୁ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ବା ଓଡିଶା ପ୍ରଦେଶ ଗଠିତ ହେବାକୁ କେତେ କଷ୍ଟ କରିବାକୁ ପଡିଥିଲା ,କେତେ ସମୟ ଲାଗିଥିଲା, କେତେ ମନୀଷୀ ନିଜ ସ୍ୱାର୍ଥ ତ୍ୟାଗ କରି ସ୍ୱତନ୍ତ୍ର ଓଡ଼ିଶାର ନୂତନ ରୂପରେଖ କରିବା ପାଇଁ ନିଜ ଜୀବନକୁ ମଧ୍ୟ ବାଜି ଲଗାଇ ଦେଇଥିଲେ । ବର୍ତ୍ତମାନ ପଶ୍ଚିମ ଓଡିଶା, ପୂର୍ବ ଓଡିଶା, ଉତ୍ତର ଓଡିଶା, ଦକ୍ଷିଣ ଓଡିଶା ଏକ କାଳ୍ପନିକ ରେଖା ଦ୍ୱାରା ବିଭାଜିତ ହୋଇ ସାରିଲାଣି, କେହି ଓଡିଶା ପ୍ରଦେଶର ବାସିନ୍ଦା କହିବାକୁ ଲଜ୍ଜା ଅନୁଭବ କରୁଛନ୍ତି ବୋଧ ହୁଏ । ଭାଇ ସିନେମା କଳି, ପ୍ରଯୋଜକ କଳି ମଧ୍ୟ ସୀମା ନିର୍ଦ୍ଧାରଣ କରି ପଶ୍ଚିମ ଓଡିଶା ଏବଂ ଉପକୂଳ ଓଡ଼ିଶାର ରୂପ ନେଇଛି ଏବଂ ଦୁଃଖର ବିଷୟ ଯେ, ଏହାକୁ କିଛି ରାଜନୀତି କରଣ ମଧ୍ୟ କରି ସାରିଲେଣି , କିନ୍ତୁ କାହିଁକି ? ଏହା ନିଶ୍ଚିତ ରୂପେ ସମାଜକୁ ଏକ ପ୍ରକାର ନକାରାତ୍ମକ ସନ୍ଦେଶ ଦେଉଛି ପଶ୍ଚିମ ଓଡିଶା କଣ ଓଡିଶାରୁ ଅଲଗା ? ପ୍ରତି କଥାରେ ପଶ୍ଚିମ ଓଡିଶା ଅବହେଳିତ କହି ଅଲଗା ପ୍ରଦେଶ ସୃଷ୍ଟିର ଭ୍ରମ ସୃଷ୍ଟି କରୁଥିବା ବ୍ୟକ୍ତି ବିଶେଷ କଣ ପ୍ରମାଣିତ କରିବାକୁ ଚାହାନ୍ତି ? ଅଲଗା ହୋଇ ଗଲେ କଣ ସବୁ ସମାଧାନ ହୋଇ ଯିବକି ? ନା' ଅଲଗା ବାହାନାରେ ଧନ ଜୀବନ ନଷ୍ଟ କରିବାର ଏକ ଅପଚେଷ୍ଟା କରୁଛନ୍ତି କିଛି ନ୍ୟସ୍ତ ସ୍ୱାର୍ଥ ଗୋଷ୍ଠୀ, କିଛି ଅଣଓଡ଼ିଆ ବ୍ୟବସାୟୀ, କିଛି ମାଫିଆ, କିଛି ଶିକ୍ଷିତ ଅବୁଝା ଗୋଷ୍ଠୀ ଏହିସବୁ ପ୍ରସଙ୍ଗ ଉପରେ ବେଶୀ ତତ୍ପର ଥିବାର ଲକ୍ଷ୍ୟ କରାଯାଉଛି । ପଶ୍ଚିମ ଓଡିଶାର ପ୍ରତିଟି ଜିଲ୍ଲା ଆମ ଓଡ଼ିଶାର ଗର୍ବ, ଶିକ୍ଷା, ସଂସ୍କୃତି, ସରଳ ଜୀବନ ଯାପନ, ନିରୀହ ଅଧିବାସୀ ମାନଙ୍କ ପାଇଁ ସାରା ବିଶ୍ୱରେ ପ୍ରଶଂସିତ , ଯଦି କେଉଁଥିରେ ସେମାନେ ଅବହେଳିତ ହେଉଛନ୍ତି ବୋଲି ହୃଦ୍‌ବୋଧ ହେଉଛି ତେବେ ସରକାରୀ ସ୍ତରରେ ଏହାର ସମାଧାନ ସମ୍ଭବ ନତୁବା ଆଇନ ଅଦାଲତ ରହିଛି। ଏସବୁ ଭୁଲି ଯାଇ, ନିଜ ଅତୀତର ଗୌରବ ଭୁଲିଯାଇ ପଶ୍ଚିମ ଓଡିଶାକୁ ଓଡିଶା ପ୍ରଦେଶରୁ ଅଲଗା କରିବାର ଆବଶ୍ୟକତା କେତେ ଯୁକ୍ତିଯୁକ୍ତ ?

ବର୍ତ୍ତମାନର ଓଡିଶା ପ୍ରଦେଶ ଅତୀତରେ କଳିଙ୍ଗ, ଉତ୍କଳ, ଉଡ୍ର ଇତ୍ୟାଦି ଅନେକ ନାମରେ ପରିଚିତ ଥିଲା। ସମୟ ସହିତ ତାଳଦେଇ ଅନେକ ଉତ୍ଥାନ ପତନ, ଅନେକ ଶାସକଙ୍କ ଦ୍ୱାରା ଶାସିତ ହୋଇ ଓଡିଶା ନିଜର ଗୌରବ ଆଜି ମଧ୍ୟ ବଜାୟ ରଖିଛି। ଭାରତବର୍ଷରେ ଯେତେ ରାଜ୍ୟ ଅଛି ତନ୍ମଧ୍ୟରୁ ଶାନ୍ତି ପ୍ରିୟ ରାଜ୍ୟ ହିସାବରେ ଓଡିଶା ଅନ୍ୟତମ। ଓଡ଼ିଶାର କଳା, ସଂସ୍କୃତି , ମନୋରମ ପ୍ରାକୃତିକ ପରିବେଶ , ସୁଦୀର୍ଘ ବେଳାଭୂମି , ସୁଉଚ୍ଚ ପର୍ବତମାଳା ସବୁଜ ଅରଣ୍ୟ ପରିବେଷ୍ଟିତ ଜିଲ୍ଲା ସମୂହ , ମନ୍ଦିର ମାଳିନୀ ସହର , ବିଶ୍ୱ ପ୍ରସିଦ୍ଧ ଶ୍ରୀ ଶ୍ରୀ ଜଗନ୍ନାଥ ମନ୍ଦିର , ଖଣିଜ ସମ୍ପଦରେ ପରିପୂର୍ଣ୍ଣ , କୃଷି ଶିଳ୍ପରେ ଅଗ୍ରଣୀ , ବାଣିଜ୍ୟ ବ୍ୟବସାୟର ପେଣ୍ଠ ସ୍ଥଳ ଏହି ଓଡିଶା ମାଟିରେ ଜନ୍ମିତ ଅନେକ ଗୁଣି ଜ୍ଞାନୀ ମହାନ ବ୍ୟକ୍ତିତ୍ୱଙ୍କ ସହିତ ସାଢେ ଚାରିକୋଟି ଓଡିଶା ବାସୀ ଆଜି ନିଜ ରାଜ୍ୟ ପାଇଁ ଗର୍ବିତ । ଏଠାରେ ବିଭିନ୍ନତାରେ ଏକତା ପରିଲକ୍ଷିତ ହୁଏ। ଅତୀତର ସ୍ମୃତିକୁ ଯଦି ରୋମାନ୍ଥନ କରିବା ତେବେ ଓଡିଶାକୁ ଆମେ ହୃଦୟରୁ ଅଧିକରୁ ଅଧିକ ଭଲପାଇବା। କାନ୍ତକବି ଲକ୍ଷ୍ମୀ କାନ୍ତ ମହାପାତ୍ରଙ୍କ ଦ୍ୱାରା ରଚିତ ଓଡିଶା ପ୍ରଦେଶର ରାଜ୍ୟ ସଂଗୀତ 'ବନ୍ଦେ ଉତ୍କଳ ଜନନୀ ... କର୍ଣ୍ଣ ଗହ୍ୱରରେ ପ୍ରବେଶ କରିବା ମାତ୍ରେ ଭକ୍ତିରେ ଲୋମ ମୂଳ ଟାଙ୍କୁରି ଉଠେ, ପ୍ରଦେଶର ସ୍ୱତନ୍ତ୍ରତା ପାଇଁ ପ୍ରାଣବଳି ଦେଇଥିବା ସହିଦ , ଜୀବନକୁ ବିପନ୍ନ କରି ସଂଗ୍ରାମ କରିଥିବା ମନୀଷୀ ମାନେ ଆମର ପୂଜ୍ୟ ।

୧୯୩୬ ମସିହା ଏପ୍ରିଲ ମାସ ୦୧ ତାରିଖ ଆମପାଇଁ ଏକ ସ୍ମରଣୀୟ ଦିବସ , ମିଳିତ ବିହାର ଓଡିଶା ପ୍ରଦେଶକୁ ଅଲଗା କରି ତଥା ମାଡ୍ରାସ ପ୍ରେସିଡେନ୍ସିରୁ ଗଂଜାମ ଏବଂ କୋରାପୁଟ ଜିଲ୍ଲାକୁ ଆଣି ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ କରାଯାଇଥିଲା। ଏଥିପାଇଁ ଅନେକ ସଂଗ୍ରାମ କରା ହୋଇଛି, ଉତ୍କଳ ଗୌରବ ମଧୁସୂଦନ ଦାସ ମହାଶୟଙ୍କ ଦ୍ୱାରା ୬୨ ଜଣ କର୍ମକର୍ତ୍ତାଙ୍କୁ ନେଇ ୧୯୦୩ ମସିହାରେ ଗଠିତ ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନ ହୋଇଥିଲା, ପ୍ରାୟ ତିନି ଦଶନ୍ଧି ଧରି ନିରବଚ୍ଛିନ୍ନ ସଂଗ୍ରାମ, ସରକାରଙ୍କ ସହ ବାଦାନୁବାଦ, ତ୍ୟାଗ, ବଳିଦାନର ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଆଜି ଗର୍ବର ସହିତ ଛିଡା ହୋଇଛି। ଉତ୍କଳଗୌରବ ମଧୁସୂଦନ ଦାସଙ୍କ ନେତୃତ୍ୱରେ ଉତ୍କଳମଣି ଗୋପବନ୍ଧୁ ଦାସ, ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜ ଦେଓ, ମହାରାଜା ଶ୍ରୀ କୃଷ୍ଣ ଚନ୍ଦ୍ର ଗଜପତି, ପଣ୍ଡିତ ନୀଳକଣ୍ଠ ଦାସ, ଫକୀର ମୋହନ ସେନାପତି, ଗଙ୍ଗାଧର ମେହେର, ରାଧାନାଥ ରଥ, ଦିୱାନ ଅଥର ମହମ୍ମଦ, ସୟିଦ ମହମ୍ମଦ, ଭୁବନାନନ୍ଦ ଦାସ, ବାସୁଦେବ ସୁବଳଦେବ ଇତ୍ୟାଦି ଅନେକ ମହାନ ଦେଶପ୍ରେମୀ ଯୋଗଦେଇଥିଲେ। ସ୍ୱତନ୍ତ୍ର ଓଡିଶା ପ୍ରଦେଶରେ ସେତେବେଳେ ଛଅ ଗୋଟି ଜିଲ୍ଲା ଥିଲା ସେଗୁଡିକ ହେଲା କଟକ, ପୁରୀ , ବାଲେଶ୍ୱର , ଗଂଜାମ, କୋରାପୁଟ ଏବଂ ସମ୍ବଲପୁର ଜିଲ୍ଲା। କାଳକ୍ରମେ ପ୍ରଶାସନିକ ସୁବିଧା ପାଇଁ ଜିଲ୍ଲା ସଂଖ୍ୟା ବଢି ବର୍ତ୍ତମାନ ୩୦ ରେ ପହଂଚିଛି। ସ୍ୱତନ୍ତ୍ର ଓଡିଶା ପ୍ରଦେଶର ପ୍ରଥମ ରାଜ୍ୟପାଳ ଭାବେ ଜନ ଅଷ୍ଟିନ ଶପଥ ଗ୍ରହଣ କରିଥିଲେ। ସୁଶାସକ ଏବଂ ସୁସଂଗଠିତ ନେତୃବୃନ୍ଦଙ୍କ ଆନ୍ତରିକତା, ଦେଶପ୍ରେମ, ନିଃସ୍ୱାର୍ଥପର ସେବା ଦ୍ୱାରା ଓଡିଶା ପ୍ରଦେଶ ଆଜି ତାର ଗାରିମା ବଜାୟ ରଖିଛି ।ଆମେ ଓଡିଶା ପ୍ରଦେଶର ଜନ୍ମିତ ବାସିନ୍ଦା ତେଣୁ ଏହା ଆମର ଗର୍ବ । ବିଭାଜନ କଥା ଭୁଲିଯାଇ ଏକତ୍ର ବନ୍ଧନରେ ବାନ୍ଧି ହୋଇ ପରସ୍ପର ପରସ୍ପରର ଦୁଃଖ ସୁଖରେ ସହ ଭାଗୀ ହେବା ସହିତ ଓଡିଶାକୁ ଭାରତର ଶ୍ରେଷ୍ଠ ରାଜ୍ୟରେ ପରିଣତ କରିବା ପାଇଁ ସଂକଳ୍ପ ନେବା। ବିଶ୍ୱ ମାନଚିତ୍ରରେ ଓଡ଼ିଶାର ମାନ, ସମ୍ମାନ , ସଂସ୍କୃତିକୁ ସଦା ସର୍ବଦା ବଜାୟ ରଖିବା ଆମର ପ୍ରଥମ କର୍ତ୍ତବ୍ୟ ହେବ ଉଚିତ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ



# ଛାତ୍ର ସାଜିଲେ ଶିଶୁ ଶ୍ରମିକ:ଭାଇରାଲ ଭିଡ଼ିଓକୁ ନେଇ ଉଦ୍‌ବେଗ

**ମାହାଙ୍ଗା, ନ୍ୟୁଜ୍**

ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନକୁ ଦଣ୍ଡମୁକ୍ତ ଘୋଷଣା କରିଛନ୍ତି ଆମ ସରକାର । ସଭିଏଁ ପଢ଼ନ୍ତୁ, ସଭିଏଁ ବଢ଼ନ୍ତୁ । ଏଭଳି ନାରା ଦିଆଯାଇ ବିଦ୍ୟାଳୟରେ ଶୈକ୍ଷିକ ବାତାବରଣ ସୃଷ୍ଟି ପାଇଁ ଭରପୂର ପ୍ରୟାସ କରୁଛି ଶିକ୍ଷା ବିଭାଗ । ବିଦ୍ୟାଳୟ ଗୁଡିକର ରୂପାନ୍ତିକରଣ ନାଁ'ରେ ସବୁଠି ପରିବର୍ତ୍ତନ ଓ ପ୍ରଗତିର ଛୁଆଁକୁ ନେଇ ତର୍କ ଆଉ ବିତର୍କର ଛକି ଶୂନ ଖେଳ ଚାଲିଛି । ପାଠପଢା ଚୁଲିକୁ ଗଲାଣି । ପିଲାମାନେ ଶ୍ରେଣୀଗୃହ ଛାଡି ହାତରେ ଖାତା କଲମ ଧରିବା ବଦଳରେ ଫାଉଡା ଶାବଳ ଲୁହାକଡା ଧରିବା ଘଟଣାରେ ଉଦ୍‌ବେଗ ପ୍ରକାଶ କରିଛନ୍ତି ବୁଦ୍ଧିଜୀବୀ । ମୁଣ୍ଡ ଉପରେ ସାଧାରଣ ନିର୍ବାଚନର ତାତି । ଠିକ୍ ଏତିକି ବେଳେ କଟକ ଜିଲ୍ଲା ମାହାଙ୍ଗା ବ୍ଲକ ଅଞ୍ଚଳର ଏକ ସରକାରୀ ବିଦ୍ୟାଳୟରେ ଛାତ୍ରମାନେ ହାତରେ ଫାଉଡା ଧରି, ବାଲି ଗୋଡି ଓ ସିମେଣ୍ଟ ଗୋଳେଇ ଲାଗିପଡିଛନ୍ତି କାର୍ଯ୍ୟରେ । ଏସବୁର ଭିଡିଓ ହେଉଛି ମୋବାଇଲରୁ ମୋବାଇଲକୁ ଭାଇରାଲ । ସରକାରୀ ନୀତି ନିୟମକୁ ଫୁ କରିଦେଇଛନ୍ତି ସ୍କୁଲ କର୍ତ୍ତୃପକ୍ଷ । ଘଟଣାଟି ଘଟିଛି ମାହାଙ୍ଗା ନିର୍ବାଚନ ମଣ୍ଡଳୀର ଶବଳକଣା ସରକାରୀ ଉଚ୍ଚ ବିଦ୍ୟାପୀଠରେ ।



ବହି ବସ୍ତାନିକୁ କ୍ଲାସ୍ ରୁମ୍‌ରେ ରଖି, ସ୍କୁଲ ହତା ଭିତରେ ଶ୍ରମିକ ସାଜିଛନ୍ତି ଛାତ୍ରମାନେ । ଭଲକରି ଦେଖନ୍ତୁ ଏହି ଦୃଶ୍ୟକୁ । ଏଠି ଗୋଡି-ସିମେଣ୍ଟ-ବାଲି ବି ଗୋଳା ଚାଲିଛି । ଛାତ୍ରଙ୍କ ହାତରେ କୋଡ଼ି ଫାଉଡା ଶାବଳ । ପୋତାଯାଇଥିବା ଲୁହାଖୁଣ୍ଟ ମୂଳରେ ମସଲା ଭରୁଛନ୍ତି ବିଦ୍ୟାର୍ଥୀ । ଏମାନେ ସମସ୍ତେ ଶିଶୁ, ସାଜିଛନ୍ତି ଶିଶୁ ଶ୍ରମିକ । ଏଠି ପ୍ରଶ୍ନ ଉଠୁଛି ଦଣ୍ଡମୁକ୍ତ ଅଞ୍ଚଳରେ କଅଁଳ ହାତରେ ଏପରି କାର୍ଯ୍ୟ କରିବାପାଇଁ, ଏମାନଙ୍କୁ କିଏ ଦେଲା ଅନୁମତି ? ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ଏବଂ ବ୍ଲକ ଶିକ୍ଷାଧିକାରୀଙ୍କୁ ଘଟଣା ବାବଦରେ ପଚାରିବାକୁ ଉଦ୍ୟମ ହୋଇଥିଲେବି, କୌଣସି ପ୍ରତିକ୍ରିୟା ମିଳିପାରିନାହିଁ । ତେବେ ବେଆଇନ୍ ଭାବେ ଏହି ବିଦ୍ୟାଳୟର ଛାତ୍ରଙ୍କୁ ଶିଶୁ ଶ୍ରମିକ ସଜେଇବା ଘଟଣାର ତଦନ୍ତ ହେବା ଓ କାର୍ଯ୍ୟାନୁଷ୍ଠାନ ହେବା ଜରୁରୀ ବୋଲି ଅଭିଭାବକ ଓ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି ।

# ବିଭାଗୀୟ ନିଷ୍କ୍ରିୟତା ଯୋଗୁଁ ଅବହେଳିତ ହୋଇଛି ଶ୍ମଶାନ ଭୂଇଁ



**କେନ୍ଦୁଝର, ନ୍ୟୁଜ୍**

ଦୁଃଖଦ ସମୟରେ ଆବଶ୍ୟକ ପଡୁଥିବା ଶ୍ମାଶନ ଜାଗା ଗୁଡିକ ରକ୍ଷଣା ବେକ୍ଷଣ କରାଯାଉନଥିବାରୁ ଧୀରେ ଧୀରେ ଶ୍ମଶାନ ଗୁଡିକ ଶୋଚନୀୟ ହୋଇପଡୁଛି । ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, କେନ୍ଦୁଝର ସଦର ମହକୁମା ନିକଟବର୍ତ୍ତୀ ନରଶପୁର ନିକଟରେ ଥିବା ଶ୍ମଶାନ ପରିସର ଅବସ୍ଥା ଅତ୍ୟନ୍ତ ଶୋଚନୀୟ, ଏହି ଶ୍ମଶାନଟି ଉପରେ ନିକଟବର୍ତ୍ତୀ ଲକ୍ଷାଧିକ ଲୋକ ନିଜର ଦୁଃଖଦ ସମୟରେ ନିର୍ଭର କରୁଥିବା ବେଳେ ଏହି ଶ୍ମଶାନର ଶୋଚନୀୟ ଅବସ୍ଥା ଶ୍ମଶାନକୁ ଆସୁଥିବା ଲୋକମାନଙ୍କୁ ବିବ୍ରତ କରିଛି । ଏହି ଶ୍ମଶାନଟି ଉପରେ ନିକଟ ବର୍ତ୍ତି କାଶିପୁର, ଜଗନ୍ନାଥ, ମଣ୍ଡୁଆ, ମାଇନିଂ, ଧୋବାଡିହା, ଡିମ୍ବୋ, ଖୁଲୁପା, ନରଣ ଶ୍ମଶାନପୁର, ପାର୍କଲାଇନ୍ ଅଞ୍ଚଳ ସମେତ ବହୁ ଗ୍ରାମର ଲକ୍ଷ ଲକ୍ଷ ଲୋକ ଏହି ଶ୍ମଶାନଟି ଉପରେ ନିର୍ଭର କରୁଥିବା ବେଳେ ପ୍ରଶାସନ ପକ୍ଷରୁ କୌଣସି ସୁବ୍ୟବସ୍ଥା କରାଯାଉନାହିଁ । ଶ୍ମଶାନର ପରିବେଶ ଘାସ ଲତାରେ ପରିପୂର୍ଣ୍ଣ ହୋଇ ସାପ ଓ ଅନ୍ୟାନ୍ୟ ବିଷାକ୍ତ କୀଟ ପତଙ୍ଗ ମାନଙ୍କର ବାସସ୍ଥାନ ହୋଇପଡ଼ିଥିବା ବେଳେ ଶ୍ମଶାନରେ ଥିବା ଶବଦାହକାରୀମାନଙ୍କ ପାଇଁ ଉଦ୍ଦିଷ୍ଟ ଘରଟି ଅବ୍ୟବହୃତ ଭଳି ପଡିରହିଛି । ଯାହାକି ଶବଦାହ ପାଇଁ ଆସୁଥିବା ଲୋକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଗଛ ଲତା ଘାସ ମାଡି ରହିଥିବାରୁ ଶବ ଦାହ ସମୟରେ କ୍ରିୟା କର୍ମ କରିବାରେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହୋଇପଡୁଛନ୍ତି । କେବଳ ଯେ ଏହି ଗୋଟିଏ ଶ୍ମଶାନ ନୁହେଁ ସହର ଓ ଗାଁ ଗହଳିରେ ଥିବା ଅଧିକାଂଶ ଶ୍ମଶାନ ଏଭଳି ଅବ୍ୟବସ୍ଥା ମଧ୍ୟରେ ରହିଛି, ଯାହାକି ଶ୍ମଶାନ ଗୁଡିକର ସୁରକ୍ଷା ଓ ଉନ୍ନତି କରଣର ଦୃଢ ଦାବି ହୋଇଛି ।

# ବାରିପଦା ପୌରପାଳିକାରେ ଲୋକାର୍ପିତ ହେଲା ଯନ୍ତ୍ରଚାଳିତ ମେସିନ୍

**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ସ୍ୱଚ୍ଛ ବାରିପଦା ସୁନ୍ଦର ବାରିପଦା ଗଠନ କରିବା ପାଇଁ ଆଉ ଗୋଟେ ପାଦ ଆଗକୁ ବଢିଛି ବାରିପଦା ପୌରପାଳିକା । ସହରର ରାସ୍ତା ଘାଟକୁ ସ୍ୱଚ୍ଛ ରଖିବା ପାଇଁ ସଫେଇ କାର୍ଯ୍ୟରେ ଆଉ ଏକ ନୂଆ ଫର୍ଦ୍ଦ ଯୋଡି ଯନ୍ତ୍ରଚାଳିତ ସଫେଇ ମେସିନ୍ ଲୋକାର୍ପିତ ହୋଇଛି । ବାରିପଦା ପୌରପାଳିକା କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଫେଇ ମେସିନ୍ ଉଦ୍‌ଘାଟନ କରିବା ସହ ଟ୍ରାଏଲ ରନ୍ ମଧ୍ୟ କରାଯାଇଛି । ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଉପନଗରପାଳ ସୀମା ଦାସ, କାର୍ଯ୍ୟନିର୍ବାହୀ ଅଧିକାରୀ ଡ଼ଃ ମଧୁସ୍ମିତା ସାମନ୍ତରାୟ ପ୍ରମୁଖ ସବୁଜ ପତାକା ଦେଖାଇ ସଫେଇ ମେସିନ୍‌କୁ ଶୁଭାରମ୍ଭ କରି ଏହାଦ୍ୱାରା ସହର ଅଧିକ ସ୍ୱଚ୍ଛ ଏବଂ ସୁନ୍ଦର ହେବ ଏଥିପାଇଁ ବାରିପଦା ବାସୀଙ୍କ ସହଯୋଗ କାମନା କରିଥିଲେ । ବାରିପଦା ସହର ମଧ୍ୟରେ ଥିବା ବିଭିନ୍ନ ମୁଖ୍ୟ ରାସ୍ତା ଗୁଡିକରେ ଦୁଇ ଗୋଟି ମେସିନ୍




ଜରିଆରେ ସଫେଇ କାର୍ଯ୍ୟ କରାଯିବ । ଉକ୍ତ ରାସ୍ତା ଗୁଡ଼ିକ ପୂର୍ବରୁ ସଫେଇ କର୍ମଚାରୀ ମାନଙ୍କ ଦ୍ୱାରା ସଫେଇ ହେଉଥିବା ବେଳେ ସେନେଇ ଅନେକ ସମୟ ମଧ୍ୟ ଲାଗୁଥିଲା । କିନ୍ତୁ ବର୍ତ୍ତମାନ ଉକ୍ତ ମେସିନ୍ ଦ୍ୱାରା ଖୁବ୍ କମ୍ ସମୟ ମଧ୍ୟରେ ସହଜରେ ସଫେଇ କାର୍ଯ୍ୟ କରିହେବ । ଏନେଇ ରାଜ୍ୟ ସରକାରଙ୍କ ସହରାଞ୍ଚଳ ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ ଯୋଜନାରେ ବାରିପଦା ପୌରପାଳିକା ପକ୍ଷରୁ ୧ କୋଟି ୫୦ ଲକ୍ଷ ଟଙ୍କା ବ୍ୟୟରେ ଦୁଇ ଗୋଟି ଯନ୍ତ୍ରଚାଳିତ ସଫେଇ ମେସିନ୍‌ର ବ୍ୟବସ୍ଥା କରାଯାଇଛି । ବାରିପଦା ସହରର ମୁଖ୍ୟ ରାସ୍ତା ଗୁଡିକ ଉକ୍ତ ମେସିନ୍ ଜରିଆରେ ପ୍ରତିଦିନ ସକାଳୁ ୮ ରୁ ୧୦ ଘଣ୍ଟା ପର୍ଯ୍ୟନ୍ତ ସଫେଇ କାର୍ଯ୍ୟ କରିବ । ରାଜ୍ୟର ସମସ୍ତ ପୌରନିଗମ ପରେ ରାଜ୍ୟର ତୃତୀୟ ପୌରପାଳିକା ଭାବେ ବାରିପଦାରେ ଉକ୍ତ ଯନ୍ତ୍ରଚାଳିତ ସଫେଇ ମେସିନ୍ କାର୍ଯ୍ୟକାରୀ ହୋଇଛି । ଉକ୍ତ କାର୍ଯ୍ୟକ୍ରମରେ ସମସ୍ତ ୱାର୍ଡର କାଉନସିଲର, ସ୍ୱଚ୍ଛ ସାଥି, ସଫେଇ ସୁପରଭାଇଜର, ସଫେଇ କର୍ମଚାରୀ ଓ ବାରିପଦା ପୌରପାଳିକାର କର୍ମଚାରୀ ମାନେ ଉପସ୍ଥିତ ଥିଲେ ।

# ୧୨ଟି ଅଙ୍ଗନବାଡ଼ି କେନ୍ଦ୍ରରେ ଅର୍ଦ୍ଧବାର୍ଷିକ ଶିଶୁ ପ୍ରଗତି ମେଳା

**ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ**

“Guiding today's parents for tomorrow's learning.” ଏହି ବିଷୟ ବସ୍ତୁକୁ ନେଇ ଜେ.ଏସ୍.ଡବ୍ଲ୍ୟୁ ଫାଉଣ୍ଡେସନ ଓ ସିନି ସ୍ୱେଚ୍ଛାସେବୀ ସଂଗଠନର ମିଳିତ ସହଯୋଗରେ ଗତ ୧୬ ତାରିଖରୁ ୨୩ ତାରିଖ ପର୍ଯ୍ୟନ୍ତ ଏକ ଅର୍ଦ୍ଧବାର୍ଷିକ ଶିଶୁ ପ୍ରଗତି ମେଳା ଆୟୋଜିତ ହୋଇଯାଇଛି । ସମ୍ବଲପୁର ଜିଲ୍ଲା ରେଙ୍ଗାଲି ବ୍ଲକର ଘିଚାମୁରା, ଖିଣ୍ଡା, ଠେଲକୋଲୋଇ ଏବଂ ଲପଙ୍ଗା ଗ୍ରାମପଞ୍ଚାୟତର ୧୨ଟି ଅଙ୍ଗନବାଡ଼ି କେନ୍ଦ୍ରରେ ଆୟୋଜିତ ହୋଇଥିବା ଏହି ମେଳୋରେ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ପିଲାମାନଙ୍କୁ ଶିକ୍ଷା ଓ ସୃଜନଶୀଳ କାର୍ଯ୍ୟକଳାପ ସହିତ ଗଳ୍ପକଥନ, ବିଭିନ୍ନ ପ୍ରକାରର ଖେଳ, ଛୋଟ ଛୋଟ ସରଳ ଗୀତ,




ନାଚ, କଳା ଓ ହସ୍ତଶିଳ୍ପ ଆଦିରେ ନିୟୋଜିତ କରାଯାଇଥିଲା । ଛୋଟ ପିଲାମାନଙ୍କର ଶିକ୍ଷା ଓ ବିକାଶ ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିବା ଏବଂ ପିତା ମାତାଙ୍କୁ ଶିଶୁର ବିକାଶରେ ସେମାନଙ୍କୁ ସଚେତନ କରାଇବା ଏହି ମେଳାର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଘରେ ଶିଶୁମାନଙ୍କ ପାଇଁ ଉପଯୁକ୍ତ ଶିକ୍ଷାର ପରିବେଶ ସୃଷ୍ଟି ପାଇଁ ଅଭିଭାବକ ମାନଙ୍କୁ ଶିଶୁମାନଙ୍କର ପ୍ରାଥମିକ ବିକାଶ, ଶିକ୍ଷଣ କୌଶଳ ଆଦି ବିଷୟରେ ଗୁରୁତ୍ୱପୂର୍ଣ୍ଣ ସୂଚନା ପ୍ରଦାନ କରାଯାଇ ସେମାନଙ୍କୁ ସଶକ୍ତ କରିବା ଲାଗି ସଶକ୍ତି କରଣ କରାଯାଇଥିଲା । ଜେ.ଏସ୍.ଡବ୍ଲ୍ୟୁ ଫାଉଣ୍ଡେସନ ଏବଂ ସିନିର ମିଳିତ ସହଯୋଗରେ ଆୟୋଜିତ ହୋଇଥିବା ଏହି ମେଳା ଶିଶୁମାନଙ୍କର ପ୍ରାଥମିକ ଶିକ୍ଷାରେ ପରିବାର ଯୋଗଦାନର ଗୁରୁତ୍ୱକୁ ସୂଚିତ କରିବା ସହିତ ଏଭଳି ପଦକ୍ଷେପ ଆଗାମୀ ଦିନରେ ଏକ ସକରାତ୍ମକ ପ୍ରଭାବ ପକାଇବ ବୋଲି ମତ ପ୍ରକାଶ ପାଇଥିଲା । ଦୀର୍ଘ ୬ ଦିନ ଧରି ଚାଲିଥିବା ଏହି ମେଳାରେ ଜେ.ଏସ୍.ଡବ୍ଲ୍ୟୁ ବି.ପି.ଏସ୍.ଏଲ୍‌ର ସି.ଏସ୍.ଆର୍ ହେଡ୍ ବିଶାଲ୍ ରାଜ୍ ସିହ୍ନା, ମ୍ୟାନେଜର ପିୟୁଷ ମହାନ୍ତି, ଲପଙ୍ଗା ସରପଞ୍ଚ ମମତା ବେହେରା, ଘିଚାମୁରା ସରପଞ୍ଚ ରାଜିବ କିଶାନ, ଆଙ୍ଗନୱାଡ଼ି ସୁପରଭାଇଜର (ଖିଣ୍ଡା ଗ୍ରାମ ପଞ୍ଚାୟତ) ଚନ୍ଦ୍ରକାନ୍ତି ଦାସ, ସିନିର ଅନ୍ୟ ସ୍ୱେଚ୍ଛାସେବୀମାନେ ଉପସ୍ଥିତ ରହି ଏହି ମେଳାକୁ ସଫଳ କରିବାରେ ସହଯୋଗ କରିଥିଲେ ।

# ମାଗଣା ଚକ୍ଷୁ ପରୀକ୍ଷା ଓ ଚଷମା ବଣ୍ଟନ

**ନିଶ୍ଚିନ୍ତକୋଇଲି, ନ୍ୟୁଜ୍ ବ୍ୟୁରୋ**

ନିଶ୍ଚିନ୍ତକୋଇଲି ବ୍ଲକ ଅସୁରେଶ୍ୱର ସରକାରୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଚକ୍ଷୁ ପରୀକ୍ଷା ଓ ରୋଗୀ ମାନଙ୍କୁ ମାଗଣା ଚଷମା ପ୍ରଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଅସୁରେଶ୍ୱର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ରାଜଶ୍ରୀ ପ୍ରଧାନଙ୍କ ନେତୃତ୍ୱରେ ଶିବିରରେ ୨ ଶହରୁ ଅଧିକ ରୋଗୀ ଯୋଗଦାନ କରି ସେମାନଙ୍କ ଚକ୍ଷୁ ପରୀକ୍ଷା କରିଥିଲେ । ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଚକ୍ଷୁ ଡାକ୍ତର କାହ୍ନୁଚରଣ ମଲିକ ରୋଗୀମାନଙ୍କର ଆଖି ପରୀକ୍ଷା କରିବା ସହ ୧୨୦ ଜଣଙ୍କୁ ମାଗଣାରେ ଚଷମା ପ୍ରଦାନ କରିଥିଲେ । ଏହି ଶିବିର ପରିଚାଳନାରେ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ମନୀଷା ଭୂୟାଁ, ସ୍ୱାସ୍ଥ୍ୟକର୍ମୀ ତଡିତ କୁମାର ମଲ୍ଲିକ, ପଞ୍ଚାନନ ନାୟକ ପ୍ରମୁଖ ଉପସ୍ଥିତ ରହି ପୂର୍ଣ୍ଣ ସହଯୋଗ କରିଥିଲେ ।



# ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୬ତମ ଜୟନ୍ତୀ ଉତ୍ସବ

**ଯାଜପୁର, ନ୍ୟୁଜ୍ ବ୍ୟୁରୋ**

ଯାଜପୁର ସତ୍‌ସଙ୍ଗ କେନ୍ଦ୍ର ଠାରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କର ୧୩୬ ତମ ଜୟନ୍ତୀ ଉତ୍ସବ ଓ ଯାଜପୁର ସତ୍‌ସଙ୍ଗର ରୌପ୍ୟ ଜୟନ୍ତୀ ଉତ୍ସବ ନହରପଦା ପଡ଼ିଆ ଠାରେ ଅନୁଷ୍ଠିତ ହୋଇଥିଲା । ଏହି ଉତ୍ସବରେ ସତ୍‌ସଙ୍ଗ ମୂଳ ଆଶ୍ରମ ଦେଓଘର ଠାରୁ ଠାକୁରଙ୍କର ଅଣନାତି ଅଜିତାବ ଚକ୍ରବର୍ତ୍ତୀଙ୍କର ଉପସ୍ଥିତିରେ ଅନୁଷ୍ଠିତ ସାଧାରଣ ସଭାରେ ଡମ୍ବୁରୁଧର ଦାସ ସଭାପତିତ୍ୱ କରିଥିଲେ । ମୁଖ୍ୟଅତିଥି ବରୀ ବିଧାୟିକା ସୁନନ୍ଦା ଦାସ, ଡ. ବିନାୟକ ମହାପାତ୍ର, ଶ୍ରୀଧର ସୁନ୍ଦର ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ । ମୁଖ୍ୟବକ୍ତା କେଦାର ମହାନ୍ତି, ଉତ୍ସବ କମିଟିର ସମ୍ପାଦକ ସଞ୍ଜୟ କୁମାର ପଣ୍ଡା ଅତିଥି ପରିଚୟ ପ୍ରଦାନ କରିବା ସହ ଯାଜପୁର ସତ୍‌ସଙ୍ଗ କେନ୍ଦ୍ର ଓ ରଜତ ଜୟନ୍ତୀ ଉତ୍ସବ ସମ୍ପର୍କରେ ଆଲୋକପାତ କରିଥିଲେ । ହୃଷିକେଶ ମାନ୍ଧାତା, ପ୍ରିୟନାଥ କର, ନାରାୟଣ ଚନ୍ଦ୍ର ପଟ୍ଟନାୟକଙ୍କୁ ଉତ୍ସବରେ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ ପ୍ରତିଭାଙ୍କୁ ଡ. ବିନାୟକ ମହାପାତ୍ର ଉତ୍ତରୀୟ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜୟନ୍ତୀ ବିଶେଷାଙ୍କ ପୁସ୍ତକକୁ ବିଧାୟିକା ସୁନନ୍ଦା ଦାସଙ୍କ ଦ୍ୱାରା ଲୋକାର୍ପଣ କରାଯାଇଥିଲା । ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା ।

# ଜାରକା ଏନ୍.ଏ.ସି ଘୋଷିତ:ପୂର୍ବତନ ବିଧାୟକ ସ୍ୱର୍ଗତ ରବିଲାବଣ୍ୟଙ୍କ ଉଦ୍ୟମକୁ ମନେ ପକାଇଲେ ଅଞ୍ଚଳବାସୀ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଜାରକାକୁ ଏନ୍‌ଏସି କରିବାର ଦୀର୍ଘଦିନର ଦାବି ଶେଷରେ ସଫଳ ହୋଇଛି । ରାଜ୍ୟ ସରକାର ଜାରକାକୁ ନୂତନ ଏନ୍‌ଏସି ଭାବେ ଘୋଷଣା କରିଥିବା ବେଳେ ଏହାକୁ ନେଇ ଧର୍ମଶାଳା ନିର୍ବାଚନ ମଣ୍ଡଳୀର ଜନସାଧାରଣଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳିଯାଇଛି । ଅନ୍ୟପକ୍ଷରେ ଜାରକାକୁ ଏନ୍‌ଏସି କରିବା ପାଇଁ ଯିଏ ଦୀର୍ଘଦିନ ଧରି ଦାବି କରିଆସିବା ସହିତ ଦିନରାତି କଠିନ ପରିଶ୍ରମ କରିଥିଲେ, ସିଏ ଆଜି ଏହି ଖବର ଶୁଣିବାକୁ ଇହଜଗତରେ ନାହାନ୍ତି । ସୂଚନାଯୋଗ୍ୟକି ଜାରକାକୁ ଏନ୍‌ଏସି କରିବା ପାଇଁ ଧର୍ମଶାଳାର ପୂର୍ବତନ ବିଧାୟକ ସ୍ୱର୍ଗତ ରବି ଲାବଣ୍ୟ ୦୪.୦୧.୨୦୨୧ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ । ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଗୃହ ଓ ନଗର ଉନ୍ନୟନ ବିଭାଗକୁ ଏ ନେଇ ପତ୍ର ପଠାଯିବା ସହିତ ସୁପାରିସ କରାଯାଇଥିଲା । ପରେ ସ୍ୱର୍ଗତ ଲାବଣ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ତତ୍‌କାଳୀନ ନିର୍ଦ୍ଦେଶକ ସଂଗ୍ରାମଜିତ ନାୟକଙ୍କୁ ସାକ୍ଷାତକରି ଏନ୍‌ଏସି କରିବା ନେଇ ଦୃଢ ଦାବି କରିଥିଲେ । ଗୃହ ଓ ନଗର ଉନ୍ନୟନ ବିଭାଗ ଯୁଗ୍ମ ସଚିବ ପ୍ରଭାତ କୁମାର ମହାପାତ୍ର ୦୮.୦୧.୨୦୨୧ ତାରିଖରେ ଯାଜପୁର ଜିଲ୍ଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋରଙ୍କୁ ଜାରକାକୁ ଏନ୍‌ଏସି କରିବା ପାଇଁ ଆବଶ୍ୟକ କାଗଜପତ୍ର ତୁରନ୍ତ ଯୋଗାଡ କରିବାକୁ ପତ୍ର ଲେଖିଥିଲେ । ଜାରକା ଏନ୍‌ଏସିରେ ପଡୋଶୀ ପଞ୍ଚାୟତ ସାମିଲ ହେବାକୁ ଥିବାରୁ ପଞ୍ଚାୟତ ପକ୍ଷରୁ ରିଜୁଲେସନ ଦାଖଲ କରିବା ପାଇଁ ପ୍ରଶାସନ ପକ୍ଷରୁ ଉଦ୍ୟମ ହୋଇଥିଲା । ଏଥିପାଇଁ ସ୍ୱର୍ଗତ ଲାବଣ୍ୟ ତତ୍‌କାଳୀନ ଜାରକା, କୁମାରୀ, ଗଙ୍ଗାଧରପୁର, ଚହଟା, ଚୋରମୁହାଁ ପଞ୍ଚାୟତର ସରପଞ୍ଚ ମାନଙ୍କୁ ପଞ୍ଚାୟତ ରିଜୁଲେସନ କରିବାକୁ ବ୍ୟକ୍ତିଗତ ଭାବେ ଅନୁରୋଧ କରିଥିଲେ । ସ୍ୱର୍ଗତ ଲାବଣ୍ୟଙ୍କ ଉଦ୍ୟମରେ ଜାରକା ବିଜ୍ଞାପିତ ଅଞ୍ଚଳ ପରିଷଦ ଭାବେ ମାନ୍ୟତା ପାଇଅଛି । ମାତ୍ର ଏହି ସୁଖବର ଶୁଣିବା ପାଇଁ ସ୍ୱର୍ଗତ ଲାବଣ୍ୟ ଇହଜଗତରେ ନାହାନ୍ତି । ସ୍ୱର୍ଗତ ଲାବଣ୍ୟଙ୍କର ଦୁଇପୁଅ ଜ୍ୟେଷ୍ଠ ପୁତ୍ର ହରିଶଙ୍କର କଲେଜ ଅଧକ୍ଷ ବଳଭଦ୍ର ଦାଶ ଓ କନିଷ୍ଠ ପୁତ୍ର ଆଇନଜୀବୀ ଶ୍ୟାମ ପ୍ରସାଦ ଦାଶ ରାଜ୍ୟ ସରକାର ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଆନ୍ତରିକ କୃତଜ୍ଞତା ଜଣାଇଛନ୍ତି । ସେହିପରି ତ ଯାଜପୁରର ତତ୍କାଳୀନ ଜିଲ୍ଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର ଏବଂ ଧର୍ମଶାଳା ଅଞ୍ଚଳର ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ଏଥିପାଇଁ କୃତଜ୍ଞତା ଜଣାଇଛନ୍ତି । ବାପାଙ୍କର ସ୍ୱପ୍ନ ପୂରଣ ହୋଇଛି । ବାପା ବଞ୍ଚିଥିବା ସମୟରେ ଜାରକାକୁ ଏନ୍‌ଏସି କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗୃହ ନଗର ଉନ୍ନୟନ ବିଭାଗ ଏବଂ ଯାଜପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ବାରମ୍ବାର ଯିବା ସହିତ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରୁଥିଲେ । ବାପା ବଞ୍ଚିଥିଲେ ଆଜି ବହୁତ ଖୁସି ହୋଇଥାନ୍ତେ । ବାପା ଇହଜଗତରେ ନଥିଲେ ମଧ୍ୟ ସ୍ୱର୍ଗପୁରରେ ଥାଇ ନିଶ୍ଚୟ ଖୁସି ହେଉଥିବେ ବୋଲି ସ୍ୱର୍ଗତ ଲାବଣ୍ୟଙ୍କ ଦୁଇପୁତ୍ର ବାଷ୍ପରୁଦ୍ଧ କଣ୍ଠରେ ପ୍ରକାଶ କରିଛନ୍ତି ।

# ଶଙ୍ଖ ଛାଡ଼ି ପଦ୍ମ ଧରିଲେ ଜ୍ୟୋସ୍ନାରାଣୀ



**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡାର ଜଣାଶୁଣା ସମାଜସେବିକା, ପୂର୍ବତନ ୮ ନଂ ଜୋନ୍ ଜିଲ୍ଲା ପରିଷଦ ସଭ୍ୟା, ଜିଲ୍ଲା ଯୋଜନା ବୋର୍ଡ ସଭ୍ୟା ଓ ରାଜ୍ୟ ବିଜୁ ଜନତା ଦଳର ସାଧାରଣ ସମ୍ପାଦିକା ଜ୍ୟୋସ୍ନାରାଣୀ ଜେନା ବିଜୁ ଜନତା ଦଳରୁ ଇସ୍ତଫା ପ୍ରଦାନ କରି ବିଜେପିରେ ଯୋଗ ଦେଇଥିବା ଜଣାପଡିଛି । ଶ୍ରୀମତୀ ଜେନା ଦୀର୍ଘ ୨୦ ବର୍ଷ ହେଲା ନିରବଚ୍ଛିନ୍ନ ଭାବେ ନିଜର ଦାୟିତ୍ୱ ତୁଲାଇ ଆସୁଥିଲେ । ସେ ଏକ ୧୫୦ ଜଣ ପ୍ରତିନିଧି ମଣ୍ଡଳୀ ସହିତ ଭୁବନେଶ୍ୱର ଠାରେ ଆୟୋଜିତ ଏକ ସମାରୋହରେ ବିଜେପିର ରାଜ୍ୟ ସଭାପତି ଓ ବରିଷ୍ଠ ନେତା ମାନଙ୍କ ଉପସ୍ଥିତିରେ ବିଜେପିରେ ଯୋଗ ଦେଇଛନ୍ତି । ଏଥିରେ କେନ୍ଦ୍ରାପଡାର ବିଭିନ୍ନ ଅଞ୍ଚଳରୁ ତାଙ୍କୁ ସ୍ୱାଗତ କରାଯାଇଛି ।

# ଦାସ କାଠିଆରେ ମନ ମୋହିଲେ ହାସ୍ୟ ଯୋଗ କେନ୍ଦ୍ର କଳାକାର



**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶାରେ ବିଭିନ୍ନ ଲୋକକଳା ଥିବାବେଳେ ଦାସ କାଠିଆର ତାମଧ୍ୟରୁ ଅନ୍ୟତମ । ଲୋକକଳା ଦାସକାଠିଆ ଚାହିଦା ଆଜି ମଧ୍ୟ ରହିଛି । ସ୍ଥାନୀୟ ହାସ୍ୟଯୋଗ କେନ୍ଦ୍ରର ବାର୍ଷିକ ଉତ୍ସବରେ ଉକ୍ତ କେନ୍ଦ୍ରର ସଦସ୍ୟା ବିଷ୍ଣୁପ୍ରିୟା ମହାପାତ୍ର ପାଲା ଗାୟନ କରି ବେଶ୍ ପ୍ରଶଂସା ପାଇଥିଲେ । ପାଳିଆ ଭାବେ ଅନଙ୍ଗ ମଞ୍ଜରୀ ପଣ୍ଡା ତାଙ୍କୁ ସହଯୋଗ କରିଥିଲେ । କାର୍ଯ୍ୟକ୍ରମକୁ ଉପସଭାନେତ୍ରୀ ମନୋରମା ଦେବୀ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବେ ଆରତୀ ଦେବୀ ଯୋଗଦେଇଥିଲେ । ମୁଖ୍ୟବକ୍ତା ଭାବେ ଡ଼ ଉଷା ରଥ, ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ସେବୀକା ଶିବାନୀ ଦାସ ଯୋଗ ଦେଇଥିଲେ । ସମ୍ପାଦିକା ରଜନୀ ପ୍ରଭା ରାଜଗୁରୁ ସମ୍ପାଦକୀୟ ପାଠ କରିଥିଲେ । ସବିତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ପୋଷ୍ଟ ମାଷ୍ଟରଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା



**ଆନନ୍ଦପୁର, ନ୍ୟୁଜ୍ ବ୍ୟୁରୋ**

ଆନନ୍ଦପୁର ଘସିପୁରା ବ୍ଲକ ଖାଳିଆମେଣ୍ଟା ପଞ୍ଚାୟତ ସରକାରୀ ଡାକଘରର ପୋଷ୍ଟମାଷ୍ଟର ଗୋପୀନାଥ ଜେନା ଦୀର୍ଘ ୪୭ ବର୍ଷ ଧରି ନିଜ ଗାଁରେ ଚାକିରୀ କାଳ ଆରମ୍ଭ କରି ଅବସର ନେବା ଯାଏ ଗୋଟିଏ ସ୍ଥାନରେ କାର୍ଯ୍ୟ କରି ଆସୁଥିଲେ । ସେ ଚାକିରି କାଳ ମଧ୍ୟରେ କେବଳ ସେବା କାର୍ଯ୍ୟ ବ୍ୟତିତ ଅନ୍ୟ କୌଣସି କାର୍ଯ୍ୟକ୍ରମରେ ମନ ଦେଇନଥିଲେ । ସମ୍ମାନୀୟ କାମ କରି ଠିକ୍ ସମୟରେ କାର୍ଯ୍ୟରେ ଯୋଗଦେଇ ନିଷ୍ଠାର ସହ ତାଙ୍କର ପ୍ରତ୍ୟେକ ଦାୟିତ୍ୱ ତୁଲାଇ ଆସୁଥିଲେ । ତାଙ୍କର ନିଷ୍ଠାପର କାର୍ଯ୍ୟ ପାଇଁ ଅନେକ ସ୍ଥାନରୁ ପୁରସ୍କୃତ ହୋଇଛନ୍ତି । ଚାକିରିରୁ ଅବସର ପରେ ସେ ଜନହିତକାର କାର୍ଯ୍ୟରେ ଯୋଗଦେଇ ଲୋକମାନଙ୍କ ସେବାରେ ସହଯୋଗ କରିବେ ବୋଲି ଗୋପୀନାଥ ଜେନା ଉକ୍ତ ସଭାରେ ପ୍ରକାଶ କରିଛନ୍ତି । ସ୍ଥାନୀୟ ସରପଞ୍ଚ ବୃନ୍ଦାବନ ଜେନା ଏବଂ ଗ୍ରାମବାସୀ ଓ ସରକାରୀ ଗ୍ରାମୀଣ ସହ ଶାଖା ପୋଷ୍ଟ ମାଷ୍ଟର ଆକାଶ କୁମାର ବଳ, ସୌମ୍ୟରଞ୍ଜନ ସାହୁ, ଓଭରସିଅର ସୌମ୍ୟ ସେଠୀ, ପ୍ରକାଶ ମିଶ୍ର, ରଞ୍ଜନ ପାତ୍ର, ଅଭିନାଶ ଖଣ୍ଡେଇ, ଦେବାଶିଷ ବିଶ୍ୱାଳ, ପ୍ରିୟଙ୍କା ଚକ୍ର, ଜାନକୀ ସେଠୀ, ରଞ୍ଜିତା ସାହୁ, ରିତୁପର୍ଣ୍ଣା କୁଅଁର, ଗଗନ ବିହାରୀ ବେଜ୍ ଏବଂ ଅବସରପ୍ରାପ୍ତ କର୍ମଚାରୀଙ୍କ ଉପସ୍ଥିତରେ ବନ୍ଧୁ ସହ ପରିବାରବର୍ଗ ପୁଷ୍ପମାଲ୍ୟ, ଫୁଲ ଉପହାର ଦେଇ ଅବସର କାଳୀନ ଶୁଭେଚ୍ଛା ଜଣାଇଥିଲେ । ପରେ ଗୋପୀନାଥଙ୍କୁ ଗ୍ରାମ ପରିକ୍ରମା କରି ତାଙ୍କ ବାସଭବନରେ ଛାଡିଥିଲେ ।

# ବିଷମ କଟକରେ ରାଜନୈତିକ ସରଗରମ

**ବିଷମ କଟକ, ନ୍ୟୁଜ୍ ବ୍ୟୁରୋ**

ନିର୍ବାଚନ ପାଖେଇ ଆସୁଥିଲା ବେଳେ ରାୟଗଡ଼ା ଜିଲ୍ଲାର ବିଷମ କଟକ ନିର୍ବାଚନ ମଣ୍ଡଳୀ ରାଜନୀତି ସରଗରମ ହେବାର ଲାଗିଛି । ଏପରି କ୍ଷେତ୍ରରେ ନିର୍ବାଚନ ମଣ୍ଡଳୀର ପ୍ରମୁଖ ଚାରି ଦଳ ବିଜେଡ଼ି, ବିଜେପି, କଂଗ୍ରେସ, ବିଏସ୍‌ପି ଦଳର ଆଶାୟୀ ବିଧାୟକ ପ୍ରାର୍ଥୀମାନେ ଦଳୀୟ କର୍ମୀ ଜନତାଙ୍କ ପାଖରେ ପହଞ୍ଚିବାର ଦୃଶ୍ୟ ଦେଖିବାକୁ ମିଳିଛି । ଏହି ପରିପେକ୍ଷରେ ବିଷମ କଟକ ନିର୍ବାଚନ ମଣ୍ଡଳୀ କଂଗ୍ରେସ ଦଳର ଆଶାୟୀ ବିଧାୟକ ପ୍ରାର୍ଥୀ ନୀଳମାଧବ ହିକ୍କା ମୁନିଗୁଡା ବ୍ଲକ ଅନ୍ତର୍ଗତ ଆଗୁଳ ଗ୍ରାମ ପଞ୍ଚାୟତର ମେରିଙ୍ଗି ଗ୍ରାମରେ ଅନୁଷ୍ଠିତ ହେଉଥିବା ଷୋହଳ ପ୍ରହର ମହାମନ୍ତ୍ର ନାମ ସଂକୀର୍ତ୍ତନ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ ଓ ଏହାପରେ କୁମୁଡାବାଲି ବାଲୁଙ୍କେଶ୍ୱର ମନ୍ଦିର ଦର୍ଶନ କରି ପଦମ୍‌ପୁର ଗ୍ରାମର ବରିଷ୍ଠ କଂଗ୍ରେସ କର୍ମକର୍ତ୍ତା ମାନଙ୍କ ସହିତ ମିଶି ଆଗାମୀ ୨୦୨୪ର ସାଧାରଣ ନିର୍ବାଚନରେ କଂଗ୍ରେସ ଦଳ କିପରି ବିପୁଳ ଭୋଟ୍‌ରେ ବିଜୟ ଲାଭ କରିବ ସେଥିପାଇଁ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା କରିଥିଲେ । ତାଙ୍କର ଏହି ଗସ୍ତ ସମୟରେ ରାୟଗଡ଼ା ଜିଲ୍ଲା ପଛୁଆବର୍ଗର ଜିଲ୍ଲା ଚେୟାରମ୍ୟାନ ଶ୍ରୀ ପ୍ରସାଦ ମହାଙ୍କୁଡ ସ୍ଥାନୀୟ ବ୍ଲକ କଂଗ୍ରେସ ସଭାପତି ନିଳାମ୍ବର ବିଭାର, ସାଂସଦ ପ୍ରତିନିଧି ମାନସ ରଞ୍ଜନ ବେହେରା, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଚନ୍ଦ୍ରଜିତ୍ ଯାଦବ, ବରିଷ୍ଠ କଂଗ୍ରେସ ନେତା ଲାଡି ଭେଙ୍କଟ ରମଣ, ଗୌର ସତପତି, ପୂର୍ବତନ ସମିତି ସଭ୍ୟ କୃଷ୍ଣଚନ୍ଦ୍ର କାଶୀ, ବାଳକୃଷ୍ଣ ପଟ୍ଟନାୟକଙ୍କ ସହିତ ଅନ୍ୟାନ୍ୟ କଂଗ୍ରେସ କର୍ମୀମାନେ ଉପସ୍ଥିତ ରହିଥିଲେ ।

# ୫୦ ବର୍ଷ ତଳର ସ୍ମୃତି ବାଣ୍ଟିଲେ ପୁରାତନ ଛାତ୍ର

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶାର ଅନ୍ୟତମ ଉଚ୍ଚ ବିଦ୍ୟାଳୟ ଭାବରେ ପରିଚିତ କେନ୍ଦ୍ରାପଡା ହାଇସ୍କୁଲର ପୁରାତନ ଛାତ୍ରଛାତ୍ରୀ ମାନଙ୍କର ବାର୍ଷିକ ବନ୍ଧୁ ମିଳନ ଅନୁଷ୍ଠିତ ହୋଇଯାଇଛି । କମିଟିର ସଭାପତି ଡ଼ାକ୍ତର ଅମୀୟ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବନ୍ଧୁ ମିଳନରେ ସମ୍ପାଦକ ଚିତ ରଞ୍ଜନ ଭଗତ, ଉପଦେଷ୍ଟା ଗୌର ପ୍ରସାଦ ମହାପାତ୍ର, ଉଦ୍‌ଘାଟକ ଭାବେ ଗୌରାଙ୍ଗ ଚରଣ ଶତପଥୀ, ସମ୍ମାନିତ ଅତିଥି ଭାବେ ଗୋଲଖ ବିହାରୀ ସାହୁ, ରାଜ ଗୋପାଳ ମାହନ୍ତି, ବିଶ୍ୱ ପ୍ରକାଶ କାନୁନ୍‌ଗୋ, ବିମଳ ଚରଣ ପତି, ବଳରାମ ମହାନ୍ତି ପ୍ରମୁଖ ଯୋଗଦେଇ ଦୀର୍ଘ ୫୦ ବର୍ଷ ତଳର ସ୍ମୃତି ବାଣ୍ଟିଥିଲେ । ଏଥି ସହିତ କେନ୍ଦ୍ରାପଡା ହାଇସ୍କୁଲର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରି ଏହାର ଉନ୍ନତି ପାଇଁ ନିଷ୍ପତି ନେଇଥିଲେ । କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ସମ୍ପାଦକ ଶ୍ରୀ ଭଗତ ଦେଇଥିବା ବେଳେ ରାଖେଲ ଚନ୍ଦ୍ର ସାମନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ ।




# ମା' ବ୍ରାହ୍ମୀଦେବୀ ପୀଠରେ ଶ୍ରୀ ଜଗନ୍ନାଥ ପଞ୍ଚରାତ୍ର ମହୋତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ

**ନିଶ୍ଚିନ୍ତକୋଇଲି, ନ୍ୟୁଜ୍ ବ୍ୟୁରୋ**

ନିଶ୍ଚିନ୍ତକୋଇଲି ବ୍ଲକ ସାନ୍ତପୁର ଗ୍ରାମପଞ୍ଚାୟତ ବ୍ରାହ୍ମଣଖଣ୍ଡ ସ୍ଥିତ ମା' ବ୍ରାହ୍ମୀଦେବୀଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ ଓ ଶ୍ରୀଜଗନ୍ନାଥ ପଞ୍ଚରାତ୍ର ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଅଷ୍ଟପ୍ରହର ବ୍ୟାପୀ ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା । ଗତ ୨୨ ତାରିଖ ଠାରୁ ବିଶ୍ୱଶାନ୍ତି ମହାଯଜ୍ଞ ସହିତ ପ୍ରତ୍ୟହ ସନ୍ଧ୍ୟାରୁ ମଧ୍ୟରାତ୍ରି ପର୍ଯ୍ୟନ୍ତ ଶ୍ରୀଜଗନ୍ନାଥ ପଞ୍ଚରାତ୍ର ଅବସରରେ ପାରାୟଣ ଓ ପ୍ରବଚନ ଚାଲୁ ରହିଛି । ମା' ବ୍ରାହ୍ମୀଦେବୀ ଭକ୍ତସମାଜ ଅଷ୍ଟପ୍ରହରୀ ପରିଚାଳନା କମିଟି ଏବଂ ବ୍ରାହ୍ମଣଖଣ୍ଡ ଗ୍ରାମବାସୀଙ୍କ ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶ୍ରୀ ଜଗନ୍ନାଥଙ୍କ ୨୪ ବେଶ ଓ ୫୬ ଭୋଗ ପ୍ରଦର୍ଶନ କରାଯାଇଥିଲା । ଧାରାବାହିକ ପ୍ରବକ୍ତା ଭାବେ ରାଷ୍ଟ୍ରୀୟ ଶ୍ରୀଜଗନ୍ନାଥ ମହିମା ପ୍ରଚାରକ ବାବା ସତ୍ୟାନନ୍ଦ ଦାସ ମହାରାଜ ଯୋଗଦାନ କରି ମହର୍ଷୀ ବେଦ ବ୍ୟାସକୃତ ମହିମା ସମ୍ପର୍କରେ ପ୍ରବଚନ ପ୍ରଦାନ କରିଆସୁଛନ୍ତି । ମହୋତ୍ସବ ମଣ୍ଡପରେ ଅଧିଷ୍ଠିତ ଚତୁର୍ଦ୍ଧାମୂର୍ତ୍ତିଙ୍କର ନୀତିକ୍ରାନ୍ତି ସମ୍ପାଦନ ସହିତ ନାମ ସଂକୀର୍ତ୍ତନ ଭଜନ ଏବଂ ଓଡ଼ିଶୀ ନୃତ୍ୟ ପରିବେଷଣ, ବେଦମନ୍ତ୍ର ପାଠ, ଗୀତ ଗୋବିନ୍ଦ ଗାନ କରାଯାଉଛି । ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ବହୁ ଜଗନ୍ନାଥପ୍ରେମୀ ଶ୍ରଦ୍ଧାଳୁ ଭକ୍ତ କାର୍ଯ୍ୟକ୍ରମରେ ଯୋଗଦାନ ଦେବା ସହ ମହାପ୍ରଭୁଙ୍କ ଚରଣ ତଳେ ଭକ୍ତିଅର୍ଘ୍ୟ ନିବେଦନ କରୁଛନ୍ତି । ଏହି ଆଧ୍ୟାତ୍ମିକ ମହୋତ୍ସବରେ ବାବା ସତ୍ୟାନନ୍ଦ ମହାରାଜଙ୍କ ସହ ପୁରୀ ଶ୍ରୀବଲ୍ଲଭ ମଠର ମହନ୍ତ ଶ୍ରୀରାମକୃଷ୍ଣ ଦାସ ମହାରାଜ କୁନି ପ୍ରବଚକ କେଶବ ଦ୍ୱିତୀକୃଷ୍ଣ, ମହାଙ୍ଗା ପେଡାମରାଇ ମଠର ଅଧିକାରୀ ମହନ୍ତ ସୁଧାକର ଦାସ, ଜଗତସିଂହପୁର ଶ୍ରୀଜଗନ୍ନାଥ ଭକ୍ତ ସମାଜ ସଭାପତି ଇଂ ବିଷ୍ଣୁଚରଣ ସ୍ୱାଇଁ, କଟକ ଜିଲ୍ଲା ଶ୍ରୀଜଗନ୍ନାଥ ଭକ୍ତ ସମାଜ ସଭାପତି ଇଂ ପୂର୍ଣ୍ଣଚନ୍ଦ୍ର ସାହୁ, ବାବାଜୀ ଗୌରାଙ୍ଗ ଚରଣ ଦାସ ପ୍ରମୁଖ ଯୋଗଦାନ କରି ଶ୍ରୀ ଜଗନ୍ନାଥ ମାହାତ୍ମ୍ୟ ସମ୍ପର୍କୀୟ କଥା ଓ ଗାଥା ସମ୍ପର୍କରେ ଆଲୋକପାତ କରିଥିଲେ । ଇତି ଅବସରରେ ସ୍ଥାନୀୟ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଶ୍ରୀଜଗନ୍ନାଥ ସଂସ୍କୃତି ସମ୍ପର୍କିତ ସାଧାରଣ ଜ୍ଞାନ ଏବଂ ଚିତ୍ରାଙ୍କନ ଅନୁଷ୍ଠିତ ହୋଇଥିଲା । କୃତୀ ଛାତ୍ର ଛାତ୍ରୀମାନଙ୍କ ମଧ୍ୟରେ ପୁରସ୍କାର ବିତରଣ କରାଯାଇଥିଲା । ଶିକ୍ଷାବିତ କାର୍ତ୍ତିକ ଚନ୍ଦ୍ର ଦାସଙ୍କ ସଂଯୋଜନାରେ ଏହି ମହୋତ୍ସବ ପରିଚାଳନାରେ ସର୍ବଶ୍ରୀ ତପନ କୁମାର ସ୍ୱାଇଁ, ଭକ୍ତବତ୍ସଳ ସ୍ୱାଇଁ, ଭରତଚନ୍ଦ୍ର ମହାନ୍ତି, ବିଶ୍ୱନାଥ ସ୍ୱାଇଁ, ବିଜୟ କୃଷ୍ଣ ବରାଳ, ମନରଞ୍ଜନ ଖୁଣ୍ଟିଆ, ରଞ୍ଜନ କୁମାର ମହାନ୍ତିଙ୍କ ସମେତ ଗ୍ରାମବାସୀ ପୂର୍ଣ୍ଣ ସହଯୋଗ କରିଥିଲେ ।

# ରେଳଧାରଣା ଛଡ଼ାଇ ନେଇଛି ପରିଚୟ:୫ ବର୍ଷରେ ମିଳିଛି ଶହେ ଅଜଣା ଶବ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ରେଳ ଧାରଣାରେ କଟି ବିଭିନ୍ନ ସମୟରେ ଲୋକଙ୍କ ମୃତ୍ୟୁ ଘଟୁଛି । ଏହାପରେ ପୋଲିସ ଶବ ଜବତ କରି ଅପମୃତ୍ୟୁ ମାମଲା ରୁଜୁ କରୁଛି । କେତେକ ସମୟରେ ମୃତ ଦେହର ପରିଚୟ ମିଳୁନାହିଁ । ଯାହାକି ପୋଲିସ ଫାଇଲ୍‌ରେ ଅପରିଚିତ ମୃତଦେହ ହୋଇ ରହୁଛି । ଏଭଳି ଗତ ୫ ବର୍ଷ ମଧ୍ୟର ବ୍ରହ୍ମପୁର ଜିଆରପି ଥାନା ଇଲାକାରେ ଯାଇଥିବା ରେଳ ଧାରଣାରୁ ପ୍ରାୟ ଶହେ ଅଜଣା ଶବ ମିଳିଛି । ଏମାନଙ୍କ ମଧ୍ୟରେ ୮୬ ଜଣ ପୁରୁଷ ରହିଥିବା ବେଳେ ୧୪ ଜଣ ମହିଳା ରହିଛନ୍ତି । ଯେଉଁମାନଙ୍କ ପରିଚୟ ବର୍ତ୍ତମାନ ସୁଦ୍ଧା ସ୍ପଷ୍ଟ ହୋଇନାହିଁ । ଟ୍ରେନ୍‌ରେ ଶରୀର କଟି ଖଣ୍ଡ ବିଖଣ୍ଡିତ ହୋଇ ଯାଉଥିବାରୁ ତାହା ଚିହ୍ନଟ କରିବା କାଠିକାର ପାଠ ହୋଇ ପଡୁଛି । ଟ୍ରେନ୍ ଖସି କୌଣସି ବ୍ୟକ୍ତି ମଲେ ତାଙ୍କର ଠିକଣା ବାହାର କରିବା କଷ୍ଟକର ହୋଇପଡୁଛି । ପୋଲିସ ଫାଇଲ୍‌ରେ ଏହା ଅପମୃତ୍ୟୁ ମାମଲା ହୋଇରହୁଥିବା ବେଳେ ପରିବାରବର୍ଗଙ୍କ ପାଇଁ ସେମାନେ ବର୍ଷ ବର୍ଷ ଧରି ନିଖୋଜ ରହୁଛନ୍ତି । ବ୍ରହ୍ମପୁର ଜିଆରପି ଥାନାର ସୀମା ୧୨୦ କି.ମି. ପରିଧି ମଧ୍ୟରେ ରହିଛି । ଖୋର୍ଦ୍ଧା ଜିଲ୍ଲାର ଚିଲିକା ପରଠୁ ସୀମା ଆରମ୍ଭ ହୋଇ ଗଞ୍ଜାମ, ଗଜପତି ଓ ଗୁଣପୁର ପର୍ଯ୍ୟନ୍ତ ଥାନା ଇଲାକା ରହିଛି । ଏହି ସୀମା ମଧ୍ୟରେ ବିଭିନ୍ନ ସମୟରେ ଟ୍ରେନ୍‌ରେ କଟି ଲୋକଙ୍କ ମୃତ୍ୟୁ ଘଟୁଛି । କୌଣସି ବ୍ୟକ୍ତି ଟ୍ରେନ୍‌ରେ କଟି ମୃତ୍ୟୁବରଣ କଲେ ଜିଆରପି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥାଏ । ବିଭିନ୍ନ କାରଣ ଯୋଗୁଁ ଟ୍ରେନ୍‌ରେ କଟି ଲୋକେ ମୃତ୍ୟୁ ମୁଖରେ ପଡୁଛନ୍ତି । ବିଶେଷ କରି ଟ୍ରେନ୍‌ରୁ ଖସି ଓ ଧାରଣା ପାରି ହେଉଥିବା ବେଳେ ଆକସ୍ମିକ ଦୁର୍ଘଟଣା ଜନିତ ମୃତ୍ୟୁ ଘଟୁଥିବା




ଦେଖିବାକୁ ମିଳୁଛି । ସେହିପରି ବିଭିନ୍ନ ସମୟରେ ଲୋକେ ମାନସିକ ଭାରସାମ୍ୟ ହରାଇ ଟ୍ରେନ୍ ଆଗକୁ ଡ଼େଇଁ ଆତ୍ମହତ୍ୟା କରୁଛନ୍ତି । ପ୍ରତିମାସରେ ବ୍ରହ୍ମପୁର ଜିଆରପି ଥାନା ଇଲାକାରେ ଏଭଳି ଘଟଣା ନଜରକୁ ଆସୁଛି । ଗତ ୫ ବର୍ଷର ରେକର୍ଡ଼ରୁ ଜଣାପଡ଼ିଛି ଯେ, ଟ୍ରେନ୍‌ରେ କଟିଥିବା ପ୍ରାୟ ଶହେ ଜଣଙ୍କ ପରିଚୟ ବର୍ତ୍ତମାନ ସୁଦ୍ଧା ସ୍ପଷ୍ଟ ହୋଇନାହିଁ । ଗତ ୨୦୧୯ରେ ବ୍ରହ୍ମପୁର ଜିଆରପି ୧୫ଟି ଅଜଣା ଶବ ଉଦ୍ଧାର କରିଥିବା ବେଳେ ୨୦୨୦ରେ ୧୯ଟି, ୨୦୨୧ରେ ୨୨ଟି, ୨୦୨୨ରେ ୨୧ଟି ଓ ୨୦୨୩ରେ ୨୩ଟି ଅଜଣା ମୃତଦେହ ଜବତ କରି ଅନ୍ତିମ ସଂସ୍କାର କରିଛି । ସେମାନଙ୍କ ତଥ୍ୟ ବିଭିନ୍ନ ଥାନା ଇଲାକାରେ ପ୍ରେରଣ କରାଯାଇଛି । କିନ୍ତୁ ଅଦ୍ୟାବଧି ସେମାନଙ୍କ ପରିଚୟ ସ୍ପଷ୍ଟ ହୋଇନାହିଁ । ଲୋକଙ୍କ ଅସାବଧାନତା ଯୋଗୁଁ ଅଧିକାଂଶ ଦୁର୍ଘଟଣା ଘଟିଛି । ଟ୍ରେନ୍‌ରେ ଯାତ୍ରା କରିବା ସମୟରେ ବଗିର କବାଟ ପାଖରେ ଛିଡ଼ା ନହେବା କି ନ ବସିବା ପାଇଁ ରେଳ ବିଭାଗ ତରଫରୁ ବିଭିନ୍ନ ପ୍ରକାର ବିଜ୍ଞାପନ, ପୋଷ୍ଟର ମାଧ୍ୟମରେ ସଚେତନ କରାଯାଉଛି । ତା ସତ୍ତ୍ୱେ ମଧ୍ୟ ଯାତ୍ରୀମାନେ ଟ୍ରେନ୍‌ର ବଗି କବାଟ ମୁହଁରେ ବସି ବିପଦସଙ୍କୁଳ ଅବସ୍ଥାରେ ଯାତ୍ରା କରୁଥିବା ଦେଖିବାକୁ ମିଳିଥାଏ । ଫଳରେ ବିଭିନ୍ନ ସମୟରେ ଟ୍ରେନ୍‌ରୁ ଖସି ଯାତ୍ରୀଙ୍କ ମୃତ୍ୟୁ ଘଟୁଛି । ଲୋକେ ଏ ଦିଗରେ ସଚେତନ ହେଲେ ଏଭଳି ଘଟଣାକୁ ଏଡ଼ାଇ ଦିଆଯାଇ ପାରିବ ବୋଲି ପୋଲିସ ତରଫରୁ କୁହାଯାଇଛି

30 YEARS

ସମ୍ବାଦ କଳିକା

ଖେଳ

ଭୁବନେଶ୍ୱର,୩ ମାର୍ଚ୍ଚ,
ରବିବାର,୨୦୨୪

# ଯୁପି ୱାରିୟର୍ସର ଦ୍ୱିତୀୟ ବଡ଼ ବିଜୟ

## ଗୁଜରାଟ ଜାଏଣ୍ଟସ ୬ ୱିକେଟ୍‌ରେ ପରାସ୍ତ



**ବେଙ୍ଗାଲୁରୁ**

ମହିଳା ପ୍ରିମିୟର ଲିଗରେ ଯୁପି ୱାରିୟର୍ସ ଦ୍ୱିତୀୟ ବଡ଼ ବିଜୟ । ଦଳ ଗୁଜରାଟ ଜାଏଣ୍ଟସକୁ ୬ ୱିକେଟରେ ପରାସ୍ତ କରିଛି । ଶୁକ୍ରବାର ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଅଷ୍ଟମ ଲିଗ ମୁକାବିଲାରେ ମୁହାଁମୁହିଁ ହୋଇଥିଲେ ଯୁପି ୱାରିୟର୍ସ ଓ ଗୁଜରାଟ ଜାଏଣ୍ଟସ। ପ୍ରଥମେ ବ୍ୟାଟିଂ କରି ଜିତି ନିର୍ଦ୍ଧାରିତ ୨୦ ଓଭରରେ ୧୪୩ ରନ ସଂଗ୍ରହ କରିଥିଲା । ଜବାବରେ ଯୁପି ୱାରିୟର୍ସ ୨୬ଟି ବଲ ବାକି ଥାଇ ୪ ୱିକେଟ ବିନିମୟରେ ସହଜରେ ଲକ୍ଷ୍ୟ ହାସଲ କରିନେଇଛି ।

ଦୁଇ ଓପନର ଆଲିସା ହିଲି ଓ କିରଣ ନଭଗିରେ ବିସ୍ଫୋରକ ବ୍ୟାଟିଂ କରି ୪.୨ ଓଭରେ ୪୩ ରନ୍ ସଂଗ୍ରହ କରିଥିଲେ । ନଭଗିରେ ୧୨ ରନ୍ କରି ପ୍ରଥମେ ଆଉଟ୍ ହୋଇଥିଲେ। ପ୍ରଥମ ମ୍ୟାଚ୍ ଖେଳୁଥିବା ଚମରି ଆଟାପଟୁ ମାତ୍ର ୧୭ରନ କରି ନିରାଶ କରିଥିଲେ। ହିଲି ଦର୍ଶନୀୟ ସଟ୍‌ମାନ ଖେଳି ୩୩ ରନ୍ ସଂଗ୍ରହ କରିଥିଲେ। ୮୬ ରନ୍‌ରେ ଦଳ ୩ଟି ୱିକେଟ୍ ହରାଇଥିଲା । ଦ୍ୱିତୀୟ ୱିକେଟ୍‌ର ପତନ ପରେ ବ୍ୟାଟିଂ କରିବାକୁ ଆସିଥିବା ଗ୍ରେସ ହ୍ୟାରିସ୍ ଧୂଆଁଧାର ବ୍ୟାଟିଂ କରିଥିଲେ । ଅନ୍ୟ ପଟରେ ଚମତ୍କାର ଖେଳ ପ୍ରଦର୍ଶନ କରିଥିଲେ ହ୍ୟାରିସ । ମାତ୍ର ୩୩ଟି ବଲ୍‌ରୁ ୯ଚୌକା ଓ ୨ଛକା ବଳରେ ହ୍ୟାରିସ୍ ଅପରାଜିତ ୬୬ ରନ୍ ସଂଗ୍ରହ କରିଥିଲେ। ଯୁପି ଫଳରେ ୱାରିୟର୍ସ ୧୫.୪ ଓଭରରେ ବିଜୟ ହାସଲ କରିଛି । ଅନ୍ୟମାନଙ୍କ ମଧ୍ୟରେ ଦୀପ୍ତି ଶର୍ମା ୧୭ ରନ୍ ଦଳୀୟ ସ୍କୋରରେ ଯୋଡ଼ିଥିଲେ।

ଟସ୍ ଜିତି ଯୁପି ୱାରିୟର୍ସ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ଗୁଜରାଟ୍ ଜାଏଣ୍ଟସର ଦୁଇ ଓପନର ଲୌରା ଉଲଭର୍ଟ ଓ ବେଥ୍ ମୁନି ୪୦ ରନ୍ ସଂଗ୍ରହ କରିଥିଲେ । ୧୬ ରନ କରି ମୁନି ପ୍ରଥମେ ଆଉଟ୍ ହୋଇଥିଲେ। ପରେ ପରେ ଉଲଭର୍ଟ ୩୮ ଓ ହର୍ଲିନ ଦେଓଲ ୧୮ରନ୍ କରି ପାଭିଲିୟନ ଫେରିବା ସହ ଗୁଜରାଟ ଜାଏଣ୍ଟସ ୮୩ ରନ୍‌ରେ ୩ଟି ୱିକେଟ୍ ହରାଇଥିଲା । ମଧ୍ୟ ଭାଗରେ ଫୋଏବ ଲିଚଫିଲ୍ଡ ଓ ଆସଲି ଗାର୍ଡନର ଆକ୍ରମଣାତ୍ମକ ବ୍ୟାଟିଂ କରିବାରୁ ଦଳୀୟ ସ୍କୋର ୧୪୨ରେ ପହଞ୍ଚିଥିଲା।

# ଭାରତ ନିକଟରେ ଆଗାମୀ ୧୫ ମାସରେ ୩ ଆଇସିସି ଟ୍ରଫି ଜିତିବାର ରହିଛି ସୁଯୋଗ



**ନୂଆଦିଲ୍ଲୀ**

ଗତ ବର୍ଷ ନଭେମ୍ବରରେ ଭାରତୀୟ ଦଳ ଦିନିକିଆ ବିଶ୍ୱକପ୍‌ର ଫାଇନାଲ୍‌ରେ ପରାଜିତ ହୋଇଥିଲା। ଅଷ୍ଟ୍ରେଲିଆ ଆୟୋଜକ ଭାରତକୁ ୭ ୱିକେଟ୍‌ରେ ହରାଇ ଚାମ୍ପିଅନ ହୋଇଥିଲା । ଆଉ ଭାରତର ତୃତୀୟ ବିଶ୍ୱକପ ଜିତିବା ସ୍ୱପ୍ନ ଧୂଳିସାତ ହୋଇଥିଲା। ଏହିପରି ୧୧ ବର୍ଷ ହେବ ଭାରତୀୟ ଦଳ ଆଇସିସି ଟ୍ରଫି ଜିତିବାରେ ବିଫଳ ରହିଛି । ଦଳ ଶେଷ ଥର ୨୦୧୩ରେ ଆଇସିସି ଚାମ୍ପିଅନ୍ସ ଟ୍ରଫି ଜିତିଥିଲା। ଏହା ପରଠୁ ଦଳ ଆଇସିସି ଟୁର୍ଣ୍ଣାମେଣ୍ଟରେ ନକଆଉଟ୍ ପର୍ଯ୍ୟାୟରେ ଲଗାତାର ହାରି ଚାଲିଛି। ମାତ୍ର ଏବେ ରୋହିତ ଶର୍ମାଙ୍କ ପାଖରେ ଆଇସିସି ଜିତିବାର ସୁଯୋଗ ରହିଛି। ଆଗାମୀ ୧୫ ମାସରେ ୩ଟି ଆଇସିସି ଟ୍ରଫି ଖେଳାଯିବ। ଏଥିରେ ଟି-୨୦ ବିଶ୍ୱକପ ବ୍ୟତୀତ ଆଇସିସି ଚାମ୍ପିଅନ୍ସ ଟ୍ରଫି ଓ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ ସାମିଲ୍।

ଆଇପିଏଲ ୨୦୨୪ ପରେ ଟି-୨୦ ବିଶ୍ୱକପ ଖେଳାଯିବ। ୱେଷ୍ଟଇଣ୍ଡିଜ ଓ ଆମେରିକାର ମିଳିତ ଆନୁକୂଲ୍ୟରେ ଜୁନ ୧ରୁ ଜୁନ ୨୯ ପର୍ଯ୍ୟନ୍ତ ଟି-୨୦ ବିଶ୍ୱକପ ଖେଳାଯିବ। ଭାରତୀୟ ଦଳ ପାଖରେ ଟି-୨୦ ବିଶ୍ୱକପ ଜିତି ୧୧ ବର୍ଷର ଆଇସିସି ଟ୍ରଫି ମରୁଡି ସମାପ୍ତ କରିବାର ସୁଯୋଗ ରହିଛି। ରୋହିତ ଶର୍ମାଙ୍କ ନେତୃତ୍ୱରେ ଭାରତୀୟ ଦଳ ଟୁର୍ଣ୍ଣାମେଣ୍ଟରେ ବଡ଼ ଦାବିଦାର ଭାବେ ମଇଦାନକୁ ଓହ୍ଲାଇବ। ଏହା ପରେ ୨୦୨୫ରେ ଚାମ୍ପିଅନ୍ସ ଟ୍ରଫି ୨୦୨୫ ଆୟୋଜନ ହେବ। ଆଇସିସି ଚାମ୍ପିଅନ୍ସ ଟ୍ରଫି ପାକିସ୍ତାନରେ ଖେଳାଯିବ।

ଚାମ୍ପିଅନ୍ସ ଟ୍ରଫିପରେ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ ୨୦୨୪-୨୫ର ଫାଇନାଲ ମ୍ୟାଚ ଖେଳାଯିବ। ଆସନ୍ତା ବର୍ଷ ଜୁନରେ ଇଂଲଣ୍ଡର ଲର୍ଡ୍ସ ମଇଦାନରେ ଟେଷ୍ଟ ଚାମ୍ପିଅନସିପ୍‌ର ଫାଇନାଲ ମ୍ୟାଚ ଖେଳାଯିବ । ଏହିପରି ଭାରତୀୟ ଦଳ ପାଖରେ ଆଗାମୀ ୧୫ ମାସ ଭିତରେ ୩ଟି ଆଇସିସି ଟ୍ରଫି ଜିତିବାର ସୁଯୋଗ ରହିବ । ମାତ୍ର ଏହା ଦେଖିବା ବାକି ରହିଲା ଯେ, ରୋହିତ ଶର୍ମାଙ୍କ ନେତୃତ୍ୱରେ ଭାରତୀୟ ଦଳ ଆଇସିସି ଟ୍ରଫି ଜିତିବାରେ ସଫଳ ହେଉଛି କି ନାହିଁ।

**୨୦୧୩ ପରଠୁ ଆଇସିସି ଟୁର୍ଣ୍ଣାମେଣ୍ଟରେ ଭାରତର ପ୍ରଦର୍ଶନ**

୨୦୧୪- ଟି-୨୦ ବିଶ୍ୱକପର ଫାଇନାଲ୍‌ରେ ପରାସ୍ତ।

୨୦୧୫- ଦିନିକିଆ ବିଶ୍ୱକପ ସେମି ଫାଇନାଲ୍‌ର ପରାସ୍ତ।

୨୦୧୬- ଟି-୨୦ ବିଶ୍ୱକପର ସେମିରେ ପରାଜିତ।

୨୦୧୭- ଚାମ୍ପିଅନ୍ସ ଟ୍ରଫି ଫାଇନାଲ୍‌ରେ ପରାସ୍ତ।

୨୦୧୯ ଦିନିକିଆ ବିଶ୍ୱକପ ସେମି ଫାଇନାଲ୍‌ରେ ପରାସ୍ତ।

୨୦୨୧- ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍‌ର ଫାଇନାଲ୍‌ରେ ପରାସ୍ତ।

୨୦୨୨- ଟି-୨୦ ବିଶ୍ୱକପର ଗ୍ରୁପ ପର୍ଯ୍ୟାୟରୁ ବିଦା।

୨୦୨୩- ବିଶ୍ୱ ଟେଷ୍ଟ ଚାମ୍ପିଅନସିପ ଫାଇନାଲ୍‌ରେ ପରାଜିତ।

୨୦୨୩- ଦିନିକିଆ ବିଶ୍ୱକପ୍ ଫାଇନାଲ୍‌ରେ ପରାସ୍ତ।

# ସର୍ବଭାରତୀୟ କଲେଜ ଫିଲ୍ଦ ଦିବାରାତ୍ର ପ୍ରିମିୟର ଲିଗ ପାଇଁ ଖେଳାଳି ନିଲାମୀ ପ୍ରକ୍ରିୟା ଶେଷ

**ବାରିପଦା : ନ୍ୟୁଜ୍ ବ୍ୟୁରୋ**

ସ୍ଥାନୀୟ ବାରିପଦା ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ଚଳିତ ମାସ କଲେଜ ଫିଲ୍ଦ ବୋଏଜଙ୍କ ଆନୁକୂଲ୍ୟରେ ଅନୁଷ୍ଠିତ ହେବାକୁ ଥିବା ୮ମ ବାର୍ଷିକ ସର୍ବଭାରତୀୟ କଲେଜ ଫିଲ୍ଦ ପ୍ରିମିୟର ଲିଗ ପାଇଁ ଖେଳାଳି ନିଲାମୀ ପ୍ରକ୍ରିୟା ଅନୁଷ୍ଠିତ ହୋଇଯାଇଛି । ୧୦ - ୧୦ ଓଭର ବିଶିଷ୍ଟ ଟେନିସ ବଲରେ ଖେଳା ଯିବାକୁ ଥିବା ଏହି ଦିବାରାତ୍ର ଟୁର୍ଣ୍ଣାମେଣ୍ଟରେ ୯ ଟି ଦଳ ଅଂଶ ଗ୍ରହଣ କରୁଛନ୍ତି ବୋଲି ଆୟୋଜକ କମିଟିର ସମ୍ପାଦକ ନଗରପାଳ କୃଷ୍ଣନନ୍ଦ ମହାନ୍ତି ଜଣାଇଛନ୍ତି । ପ୍ଲେ ବେକ ଚାଲେଞ୍ଜର୍ସର ଆଇକନ ଖେଳାଳି ଆଦିତ୍ୟ ବସା ହୋଇଥିବା ବେଳେ , ଭି ରୋରର ରିତୁନ ମହାନ୍ତି, ଏମ ଜେ ଡବ୍ଲୁ ର ସଂଜୀବ ମହାପାତ୍ର, ଜଗନ୍ନାଥ ୱାରିୟାର୍ସର ସୁଧାକର ନାଏକ, ସ୍ମାର୍ଟନ ଆର୍ମି ର ମେରି ଲୋକନାଥ, ମା ହିଙ୍ଗୁଳା ଫାଇଟର୍ସ ର ଶୁଭେନ୍ଦୁ ଦାସ, ଲାଲବଜାର ଫାଇଟର୍ସ ର ଅନୁପ ପରିଡା, ମୟୁରଭଞ୍ଜ ଷ୍ଟ୍ରାଇକର୍ଷ ର ପ୍ରିତମ ବେହେରା ଓ ଏସ ଏ ଏ ରୟାଲ ଥ୍ରୀଲର୍ସ ର ଶଙ୍କର ସାହୁ ପ୍ରମୁଖ ରହିଛନ୍ତି। ପ୍ରତ୍ୟେକ ଦଳରେ ଜିଲ୍ଲା ବାହାରୁ ଜଣେ ଷ୍ଟାର ଖେଳାଳି ରହିବା ଅନିବାର୍ଯ୍ୟ ବୋଲି ଉପ ସଭାପତି ସଂଜୀବ ଦ୍ୱିବେଦୀ ଜଣାଇଛନ୍ତି । ଚମ୍ପିୟନ ଦଳକୁ ୮୦ ହଜାର ଟଙ୍କା ଓ ଟ୍ରଫି ଏବଂ ରନର୍ସ ଅପ ଦଳକୁ ୬୦ ହଜାର ଓ ଟ୍ରଫି ପୁରସ୍କାର ସ୍ୱରୂପ ପ୍ରଦାନ କରାଯିବ ବୋଲି ଟୁର୍ଣ୍ଣାମେଣ୍ଟର ଅଧକ୍ଷ ଗିରିଶ ଚନ୍ଦ୍ର ଦାସ ପ୍ରକାଶ କରିଛନ୍ତି । ଖେଳାଳି ନିଲାମୀ ପ୍ରକ୍ରିୟା ବେଳେ ପୂର୍ବତନ ଉପ ବାଚସ୍ପତି ସାନନ୍ଦ ମାର୍ଣ୍ଡି, ଭଞ୍ଜସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ଓ ମୟୁରଭଞ୍ଜ ଏଥଲେଟିକ ଏସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତ୍ୟେକ ନିଜ ଦଳ ପାଇଁ ୧୫ ଜଣ ଲେଖାଏଁ ଖେଳାଳି କ୍ରୟ କରିଥିବା ବେଳେ ଜଗନ୍ନାଥ ୱାରିୟାର୍ସ ପ୍ରୀତିଦେବ ଜେନାଙ୍କୁ ୧୦ ହଜାର ଟଙ୍କାରେ, ମୟୁରଭଞ୍ଜ ଷ୍ଟ୍ରାଇକର୍ଷ ଶୁବାଶିଷ ଦେଙ୍କୁ ୮ ହଜାର ୧ ଶହ ଓ ପ୍ଲେ ବେକ ଚାଲେଞ୍ଜର୍ସ ଯଶୋବନ୍ତ ମାଝୀଙ୍କୁ ୬ ହଜାର ୯ ଶହ ଟଙ୍କାରେ କ୍ରୟ କରିଛନ୍ତି ।

### ଆଇଆଇଏମ ସମ୍ବଲପୁରରେ ୧୦୦ କ୍ୟୁବ ଷ୍ଟାର୍ଟଅପର ଶୁଭାରମ୍ଭ ଓ ଆଇ-ହବ ଉଦଘାଟିତ

# ଓଡ଼ିଶାରେ ରୋଜଗାର ବଢ଼ାଇବା ପାଇଁ ୧୦୦ କ୍ୟୁବ ଷ୍ଟାର୍ଟଅପ ଏକ ଜନଆନ୍ଦୋଳନ : ଧର୍ମେନ୍ଦ୍ର

**ସମ୍ବଲପୁର : ନ୍ୟୁଜ୍ ବ୍ୟୁରୋ**



ଓଡ଼ିଶାର ଯୁବକଙ୍କ ମଧ୍ୟରେ ନୂଆ ସ୍ପିରିଟ ତିଆରି ହୋଇଛି। ସେହି ସ୍ପିରିଟକୁ ଗତି ଦେବା ତଥା ରାଜ୍ୟରେ ଅଧିକରୁ ଅଧିକ ରୋଜଗାର ସୃଷ୍ଟି କରାଇବା ଦିଗରେ ୧୦୦ କ୍ୟୁବ ଷ୍ଟାର୍ଟଅପ ପଦକ୍ଷେପ ଏକ ଭାବାବେଗ ଓ ବ୍ୟାପକ ଜନଆନ୍ଦୋଳନ ବୋଲି ଆଇଆଇଏମ ସମ୍ବଲପୁରରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏହି ମହତ୍ୱାକାଂକ୍ଷୀ ଷ୍ଟାର୍ଟଅପ କାର୍ଯ୍ୟକ୍ରମ ସହ ଆଇଆଇଏମ ସମ୍ବଲପୁରରେ ଇନକୁବେଟର ହବ୍(ଆଇ-ହବ୍)ର ଶୁଭାରମ୍ଭ କରି କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ୨୦୩୬ ସୁଦ୍ଧା ଓଡ଼ିଶା ଭାଷା ଭିତ୍ତିରେ ସ୍ୱତନ୍ତ୍ର ପ୍ରଦେଶ ଗଠନର ଶତବାର୍ଷିକୀ ପୂରଣ କରିବ। ଏହି ସମୟ ସୀମା ମଧ୍ୟରେ ସମାଜର ସବୁ ଲୋକଙ୍କୁ ନିଜ ନିଜର ଦାୟିତ୍ୱ ଓ କର୍ତ୍ତବ୍ୟ ପାଳନ କରିବାକୁ ହେବ। ଆମ ଦେଶ ଜ୍ଞାନ ଆଧାରିତ ଅର୍ଥନୀତି ଦିଗରେ ଅଗ୍ରସର ହେଉଥିବା ବେଳେ ନୂଆପିଢ଼ିର ପିଲାମାନଙ୍କୁ ଆଧୁନିକ ଦୁନିଆ ସହ ରୋଜଗାର ଦେବା ପାଇଁ ଏବେଠାରୁ ପ୍ରସ୍ତୁତ କରାଇବାକୁ ହେବ। ସେମାନଙ୍କୁ ନିଯୁକ୍ତି କରିବା ନୁହେଁ ବରଂ ନିଯୁକ୍ତିଦାତା କରାଇବା ପାଇଁ କର୍ତ୍ତବ୍ୟ କରିବାକୁ ହେବ । ୧୦୦ କ୍ୟୁବ ତନ୍ମଧ୍ୟରୁ ଗୋଟିଏ କର୍ତ୍ତବ୍ୟ ୨୦୩୬ରେ ଓଡ଼ିଶା ଭାଷା ଭିତ୍ତିରେ ଶତାବର୍ଷିକୀ ପାଳନ କରିବା ବେଳେ ସ୍ଥାପନା ହେବାକୁ ଥିବା ୧୦୦ଟି ଷ୍ଟାର୍ଟଅପର ପ୍ରତ୍ୟେକ ଷ୍ଟାର୍ଟଅପର ମୂଲ୍ୟ ଆନୁମାନିକ ମୂଲ୍ୟ ୧୦୦ କୋଟି ଟଙ୍କା ହେବ। ଆଇଆଇଟି ଭୁବନେଶ୍ୱରରେ ରିସର୍ଚ୍ଚ ପାର୍କ ଭଳି ଏହି ଲକ୍ଷ୍ୟକୁ ପୂରଣ କରିବା ପାଇଁ ଷ୍ଟାର୍ଟ ଅପ ଗୁଡିକୁ ନିବେଶକଙ୍କ ସହ ସମନ୍ୱୟ ସ୍ଥାପନ କରିବା ପାଇଁ ଆବଶ୍ୟକୀୟ ସମ୍ବଳ, ସହଯୋଗ ଏବଂ ଆର୍ଥିକ ସହାୟତା ପ୍ରଦାନ କରାଯିବ । ଓଡ଼ିଶାରେ ରୋଜଗାର ସୃଷ୍ଟି କରାଇବା ପାଇଁ, ଯୁବକଙ୍କୁ ଆତ୍ମନିର୍ଭର କରିବା ପାଇଁ ଏବଂ ଓଡ଼ିଆ ସମ୍ପନ୍ନତାକୁ ପୁଣି ଥରେ ପୁନର୍ଜୀବିତ କରିବା ପାଇଁ ପଡ଼ିବ। କେନ୍ଦ୍ରମନ୍ତ୍ରୀ କହିଛନ୍ତି ଆଇଆଇଏମ ସମ୍ବଲପୁର ଏକ ଭାରତ, ଶ୍ରେଷ୍ଠ ଭାରତର ପ୍ରତୀକ ଏବଂ ରଙ୍ଗବତୀ ଗୀତ ଭାବାବେଗର ପ୍ରତୀକ ୧୦୦ କ୍ୟୁବ ଷ୍ଟାର୍ଟଅପ ନବସୃଜନ ସୃଜନଶୀଳତା, ଉଦ୍ୟମିତା ସଂସ୍କୃତିର ପ୍ରତୀକ। ସମ୍ବଲପୁରରେ ଆଇଆଇଏମ ସମ୍ବଲପୁର ସମେତ ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ବୁର୍ଲା ମେଡିକାଲ କଲେଜ, ବୀର ସୁରେନ୍ଦ୍ର ସାଏ ୟୁନିଭର୍ସିଟି ଅଫ ଟେକ୍ନୋଲୋଜି ଭଳି ଜାତୀୟ ସ୍ତରର ଅନୁଷ୍ଠାନ ସ୍ଥାପନା ହୋଇଛି । ଏଠାକାର ଛାତ୍ରଛାତ୍ରୀ ଏବଂ ପ୍ରଧ୍ୟାପକଙ୍କ ମଧ୍ୟରେ ଭରପୁର ପ୍ରତିଭା ଅଛି। ୱେଲଥ କ୍ରିଏଟର ହେବା ପାଇଁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ୱେଲଥ କ୍ରିଏଟର ହେଲେ ହିଁ ଅଧିକ ନିଯୁକ୍ତି, ଆର୍ଥିକ ସୁଯୋଗ ଉପଲବ୍ଧ ହେବା ସହ ସମାଜର ଅନ୍ତିମ ଶ୍ରେଣୀର ଲୋକମାନେ ସମ୍ପନ୍ନ ହେବେ ବୋଲି ଶ୍ରୀ ପ୍ରଧାନ କହିଥିଲେ।

# 'ଆଶା' ହିଁ ଭରସା : ତିନି ଦଶନ୍ଧି ଧରି ଯୁବ ଗୋଷ୍ଠୀଙ୍କୁ ଦେଖାଉଛି ଦୁଃସାହସିକ ବାଟ

**ଭୁବନେଶ୍ୱର**





ଦୁଃସାହସିକ ଅଭିଯାନ ସହିତ ଖେଳ ଦୁନିଆର ସମ୍ପର୍କ ବେଶ୍ ନିବିଡ଼ ରହିଥିଲେ ମଧ୍ୟ ପେସାଦାର ଖେଳ ଭାବେ ଏହା ବିଶେଷ ଆଦୃତ ହୋଇପାରିନାହିଁ। କିନ୍ତୁ ଓଡ଼ିଶାରେ ସୀମିତ ସୁଯୋଗ, ସମ୍ବଳ ଓ ଭିତ୍ତିଭୂମି ଅଭାବ ଭିତରେ ବ୍ୟକ୍ତିଗତ ପ୍ରୟାସ କାରଣରୁ ଏହା ଯେଉଁ କିଞ୍ଚିତ ସଫଳତା ପାଇଛି ତାହାର ବଡ଼ ଶ୍ରେୟ ନେଉଛି 'ଆସା' (ଆସୋସିଏସନ୍ ଫର ଆଡ୍‌ଭେଞ୍ଚର୍ ଆଣ୍ଡ ସୋସିଆଲ ଆକ୍ଟିଭିଟିଜ୍) ରାଜ୍ୟର ଯୁବ ଗୋଷ୍ଠୀ ପାଇଁ ନିଆରା ଆଶାର କିରଣ ଯୋଗାଉଥିବା ଆସା ଚଳିତ ବର୍ଷ ଏହାର ୩୦ ବର୍ଷ ପୂର୍ତ୍ତି ତଥା ସ୍ୱନକ୍ଷତ୍ର ପାଳନ କରିବାକୁ ଯାଉଛି। ଅତୀତରେ ନୌବାଣିଜ୍ୟ ପାଇଁ ଓଡ଼ିଶା ଲୋକ ସମୁଦ୍ରପଥରେ ଦୁଃସାହସିକ ଯାତ୍ରା କରି ଛାଡ଼ିଯାଇଥିବା ପରମ୍ପରାକୁ 'ଆସା' ଖେଳରେ ରୂପାନ୍ତରିତ କରିଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ଜାତୀୟସ୍ତରରେ ଦୁଃସାହସିକ ଖେଳ ଓ କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରୁଥିବା ଆଇଏମ୍‌ଏଫ (ଇଣ୍ଡିଆନ୍ ମାଉଣ୍ଟେନିୟରିଂ ଫାଉଣ୍ଡେସନ୍)ର ଏକମାତ୍ର ଅନୁବନ୍ଧିତ ରାଜ୍ୟ ସଂଘ ହେଉଛି 'ଆସା'। ଏହା ବାଦ୍ ଅନ୍ୟ ଦୁଇ ଜାତୀୟସ୍ତରର ସଂସ୍ଥା ନ୍ୟାସନାଲ୍ ଆଡ୍‌ଭେଞ୍ଚର ଫାଉଣ୍ଡେସନ ଓ ନ୍ୟାସନାଲ୍ ଆଡ୍‌ଭେଞ୍ଚର କ୍ଲବ ମଧ୍ୟ ଅନୁରୂପ କାର୍ଯ୍ୟକଳାପ କରିଥାନ୍ତି। ଏହି ଦୁଇ ସଂସ୍ଥା ସହିତ ମଧ୍ୟ ଜଡ଼ିତ ରହିଛି। ଆସା ଚଣ୍ଡୀଖୋଲରେ ସାଇକେଲ ପୁରସ୍କାର ରଖି କରାଯାଉଥିବା ଏକ ପାହାଡ଼ଚଢ଼ା ଅଭିଯାନରୁ ସମ୍ଭବତଃ 'ଆସା'ର ଅଙ୍କୁରୋଦଗମ ହୋଇଥିଲା। ନବେ ଦଶକ ପ୍ରାରମ୍ଭରେ ରାଜଧାନୀର କିଛି ଦୁଃସାହସିକ ଅନୁରାଗୀ ବ୍ୟକ୍ତିଙ୍କ ପ୍ରୟାସ କାରଣରୁ ଏହା ଆନୁଷ୍ଠାନିକ ଭାବେ ଗଠିତ ହୋଇଥିଲା। ୧୯୯୪ ମସିହାଠାରୁ ଯେ ଯୁବଶକ୍ତିଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଯାଇଛି, ଏଥିରେ ଦ୍ୱିମତ ହେବାର ନାହିଁ। ରବୀନ୍ଦ୍ର ଭୂୟାଁ, ସରୋଜ ମୁଦୁଲି, ମଳୟ ବେହେରା, ସତ୍ୟବ୍ରତ ମହାନ୍ତି, କୃଷ୍ଣଚନ୍ଦ୍ର ଦାସ ପ୍ରମୁଖ ଥିଲେ 'ଆସା'ର ପ୍ରତିଷ୍ଠାତା। ବ୍ୟକ୍ତିତ୍ୱ ଏହି ସଂସ୍ଥାର ଅନ୍ୟତମ ଅଗ୍ରଣୀ ଚେହେରା। ଗଣେଶ ଚନ୍ଦ୍ର ଜେନା ଏହି ପୃଷ୍ଠଭୂମିରୁ ବାହାରିବା ପରେ ୨୦୧୧ରେ ରାଜ୍ୟର ପ୍ରଥମ ସଫଳ ପୁରୁଷ ଏଭରେଷ୍ଟ୍ ଆରୋହୀ ହୋଇପାରି ଥିଲେ। ତାଙ୍କ ପୂର୍ବରୁ ୨୦୦୬ରେ କଳ୍ପନା ଜେନା ପ୍ରଥମ ଓଡ଼ିଆ ଭାବେ ଏହି ଗୌରବ ଆଣିଥିଲେ। ଗଣେଶଙ୍କ ଏଭରେଷ୍ଟ ଅଭିଯାନ ଓ ସରକାରଙ୍କ ପ୍ରୋତ୍ସାହନ ରାଶି ପ୍ରଦାନ କାରଣରୁ ରାଜ୍ୟର ଏକାଧିକ ଯୁବ ପର୍ବତାରୋହଣ ତଥା ଦୁଃସାହସିକ ଖେଳକୁ କ୍ୟାରିୟର କରିବାକୁ ଆଗେଇ ଆସିଥିଲେ। ପରେ ପରେ ଦେବୀଦତ୍ତ ପଣ୍ଡା, ଯୋଗବ୍ୟାସ ଭୋଇ, ପ୍ରଦୀପ ଜେନା, ଚେତନା ସାହୁ, ସ୍ୱର୍ଣ୍ଣଲତା ଦଳାଇ, ସିଦ୍ଧାର୍ଥ ରାଉତରାୟ ଏହି ତାଲିକାରେ ଯୋଡ଼ି ହୋଇପାରିଥିଲେ। ଏବେ ଶହ ସହ ଯୁବକ ଯୁବତୀ କେବଳ ଏଭରେଷ୍ଟ ନୁହେଁ ବିଶ୍ୱର ଅନ୍ୟ ପ୍ରମୁଖ ମହାଦେଶୀୟ ଶୃଙ୍ଗ ଆରୋହଣ କରିବାର ସ୍ୱପ୍ନ ଦେଖିବା ସହ ସଫଳ ହୋଇଚାଲିଛନ୍ତି। ସସ୍ମିତା ପ୍ରଧାନ, ଅନୀତା ସ୍ୱାଇଁ, ନିତୁ ବିଶୋଇ, ଚିନ୍ମୟ ମହାରଣା, ଦେବଦତ୍ତ ସାମନ୍ତରାୟ, ନିରଞ୍ଜନ ଦାସଙ୍କ ଭଳି କିଛି ଉଦୀୟମାନ ପ୍ରତିଭା ମଧ୍ୟ ଏହି ଦୁଃସାହସିକ ଯାତ୍ରାରେ ସାମିଲ ହୋଇ ଇନଷ୍ଟ୍ରକ୍ଟର ପାଲଟିପାରିଛନ୍ତି। ତିନି ଦଶନ୍ଧିର ଯାତ୍ରା ଭିତରେ 'ଆସା' ୩୦ ଥର ଚଣ୍ଡୀଗଡ଼ରେ ଜାତୀୟ ଦୁଃସାହସିକ ଉତ୍ସବରେ ଅଂଶଗ୍ରହଣ କରିବା ସହିତ ୧୨ ଥର ଶିବିର ଆୟୋଜନ କରିଛି। ଅସ୍ତରଙ୍ଗରୁ ପୁରୀ, କୋଣାର୍କରୁ ପୁରୀ, ସୋନପୁରରୁ ଏ ନୂଆଗାଁ ଆଦି ୫ଟି ଟ୍ରେକିଂ ଅଭିଯାନ ମଧ୍ୟ ସମ୍ପନ୍ନ କରିଛି। ସାମ୍ପ୍ରତିକ ସମୟରେ ମାଉଣ୍ଟ ୟୁନାମ, ମାଉଣ୍ଟ ଫ୍ରେଣ୍ଡସିପ୍ ଓ ଷ୍ଟକ୍ କାଙ୍ଗ୍ରୀ ଭଳି ପ୍ରମୁଖ ପର୍ବତମାଳାରେ ମଧ୍ୟ ଓଡ଼ିଶା ଦଳକୁ ପହଞ୍ଚାଇବାରେ ସଫଳ ହୋଇଛି। ଦୁଃସାହସିକ କ୍ରୀଡ଼ା କାର୍ଯ୍ୟକଳାପ ସହିତ ୧୯୯୯ ମହାବାତ୍ୟା, ୨୦୦୦ ବନ୍ୟା ପରିସ୍ଥିତିରେ ମଧ୍ୟ ସାମାଜିକ କାର୍ଯ୍ୟକ୍ରମ ସହିତ ସ୍ୱାସ୍ଥ୍ୟସେବା, ରକ୍ତଦାନ, ବୃକ୍ଷରୋପଣ ଭଳି ବିବିଧ କାର୍ଯ୍ୟକ୍ରମ କରି ପ୍ରଶଂସିତ ହୋଇଛି। ନିକଟରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସହଯୋଗରେ କୋଷ୍ଟାଲ ଟ୍ରେକିଂ ଓ ମହେନ୍ଦ୍ରଗିରି ମାଉଣ୍ଟେନ ଟ୍ରେକିଂ କାର୍ଯ୍ୟକ୍ରମ ସଫଳତାର ସହ ସମାପିତ ହେବା ପରେ 'ଆସା'ର ସମ୍ପାଦକ ଗଣେଶ ଚନ୍ଦ୍ର ଜେନା ଅଧିକ ଉତ୍ସାହିତ ଅଛନ୍ତି। ସମ୍ବଳ ଅଭାବରୁ ଆମେ ଅଧିକ କାର୍ଯ୍ୟକ୍ରମ କରିପାରୁନୁ, କିନ୍ତୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସମର୍ଥନରେ ଆୟୋଜିତ ଦୁଇଟି ଯାକ ଟ୍ରେକିଂ କାର୍ଯ୍ୟକ୍ରମରେ ପ୍ରାୟ ୨୦୦ ପିଲା ଅଂଶଗ୍ରହଣ କରିବା ପରେ ଆମେ ଆମ ଦକ୍ଷତାକୁ ମାପି ପାରିଛୁ। ଆଗକୁ ଅଧିକ ଦୁଃସାହସିକ କାର୍ଯ୍ୟକ୍ରମ ସହିତ ମହିଳାଙ୍କ ପାଇଁ ଏକ ସ୍ୱତନ୍ତ୍ର ଅଭିଯାନର ଯୋଜନା ରହିଛି ବୋଲି ପ୍ରକାଶ କରିଛନ୍ତି ଦେଶର ଏକମାତ୍ର ଏଭରେଷ୍ଟ ମାରାଥନର ଗଣେଶ ଚନ୍ଦ୍ର ଜେନା। ରାଜ୍ୟରେ ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ଖେଳ ଓ ପେସାଦାର ଖେଳାଳିଙ୍କ ପାଇଁ ସରକାର ଭଲ କାର୍ଯ୍ୟ କରୁଛନ୍ତି। କିନ୍ତୁ ବିଜୁ ବାବୁଙ୍କ ସ୍ୱପ୍ନର ଦୁଃସାହସିକ କାର୍ଯ୍ୟକଳାପ ଏକ ପ୍ରକାର ଠପ୍ ହୋଇଯାଉଥିବାରୁ ମନସ୍ତାପ କରିଛନ୍ତି ଏଭେରେଷ୍ଟ ବିଜେତା ତଥା 'ଆସା'ର ସମ୍ପାଦକ ଗଣେଶ ଚନ୍ଦ୍ର ଜେନା। କେବଳ ପାହାଡ଼ ଚଢ଼ାକୁ ଦୁଃସାହସିକ ଖେଳ କୁହାଯାଏ ନାହିଁ। ଏହାକୁ ବ୍ୟାପକ ଓ ସାମଗ୍ରିକ ଭାବେ ବିଚାର କରିବାକୁ ପଡ଼ିବ। ଏଥିପ୍ରତି ଆବଶ୍ୟକ ସଚେତନତାକୁ ଆନ୍ଦୋଳନରେ ପରିଣତ କରିବା ଓ ତଦନୁଯାୟୀ ଭିତ୍ତିଭୂମି ଯୋଗାଇଦେବା ଜରୁରୀ। ଏବେ ରାଜ୍ୟ ସରକାର ଖେଳକୁ ଭଲ ଭାବେ ସମର୍ଥନ କରୁଛନ୍ତି। କିନ୍ତୁ ଏହି ବିଭାଗର ସଂଯୁକ୍ତ ଯୁବ ସେବା ଅବହେଳିତ ଅବସ୍ଥାରେ ରହିଛି। ବିଗତ ୫ ବର୍ଷ ହେବ ରାଜ୍ୟର ଦୁଃସାହସିକ ଅଭିଯାତ୍ରୀ ଦଳ ଆଉ କେଉଁଆଡ଼େ ଯାଉନାହାନ୍ତି। ପର୍ବତାରୋହଣ ସହିତ ଟ୍ରେକିଂ, କ୍ଲାଇମ୍ବିଂ, ପାରା ଗ୍ଲାଇଡିଂ, ରାଫଟିଂ, ରକ କ୍ଲାଇମ୍ବିଂ, ସ୍କାଏ ଡାଇଭିଂ ଭଳି କାର୍ଯ୍ୟକ୍ରମ ତ ହେଉନାହିଁ। ରାଜ୍ୟର ଏଭରେଷ୍ଟ ବିଜେତାଙ୍କ ଅଭିଜ୍ଞତାକୁ ଉପଯୋଗ କରାଗଲେ ଦୁଃସାହସିକ କାର୍ଯ୍ୟକଳାପ ବଢ଼ିପାରନ୍ତା ବୋଲି ପ୍ରକାଶ କରିଛନ୍ତି ୫୧ ବର୍ଷୀୟ ଗଣେଶ।

### ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ମାଗଣା ବିଜୁଳି ଯୋଜନା

# ଏହି ମହତ୍ୱାକାଂକ୍ଷୀ ଯୋଜନା ଜରିଆରେ ପରିବାର ପିଛା ୧୫ ହଜାର ଟଙ୍କା ସଞ୍ଚୟ ହେବ

## ରୁଫ ଟପ ସୋଲାର ସ୍କିମ ଅଧୀନରେ ଆପଣ କିପରି ଆବେଦନ କରିପାରିବେ ଏବଂ ସବସିଡି ପାଇପାରିବେ

**ଭୁବନେଶ୍ୱର : ପିଆଇବି**

ପିଏମ ସୂର୍ଯ୍ୟ ଘର ମାଗଣା ବିଜୁଳି ଯୋଜନା କ'ଣ ?

ପିଏମ ସୂର୍ଯ୍ୟ ଘର ମାଗଣା ବିଜୁଳି ଯୋଜନା ହେଉଛି ଏକ କେନ୍ଦ୍ରୀୟ ଯୋଜନା ଯାହା ଭାରତରେ ଏକ କୋଟି ପରିବାରକୁ ମାଗଣା ବିଜୁଳି ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛି, ଯେଉଁମାନେ ଛାତ ଉପରେ ସୌର ବିଦ୍ୟୁତ ୟୁନିଟ ସ୍ଥାପନ କରିବାକୁ ଆଗ୍ରହୀ ଅଟନ୍ତି ଏହା ସହାୟତାରେ ଏକ ପରିବାର ପ୍ରତି ମାସରେ ୩୦୦ ୟୁନିଟ ବିଜୁଳି ମାଗଣାରେ ପାଇପାରିବେ। ଫେବ୍ରୁଆରୀ ୨୯ରେ କେନ୍ଦ୍ର କ୍ୟାବିନେଟ ଦ୍ୱାରା ମଞ୍ଜୁର କରାଯାଇଥିବା ଏହା ଏକ ମହତ୍ୱାକାଂକ୍ଷୀ ଯୋଜନା, ଯେଉଁଥିରେ ୭୫,୦୨୧ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି ।

ପିଏମ ସୂର୍ଯ୍ୟ ଘର ମାଗଣା ବିଜୁଳି ଯୋଜନା କିପରି କାର୍ଯ୍ୟ କରେ ?

ଏହି ଯୋଜନାରେ ୨ କିଲୋୱାଟ କ୍ଷମତା ବିଶିଷ୍ଟ ସିଷ୍ଟମ ପାଇଁ ସୌର ୟୁନିଟ ମୂଲ୍ୟର ୬୦% ଏବଂ ୨ରୁ ୩ କିଲୋୱାଟ କ୍ଷମତା ବିଶିଷ୍ଟ ସିଷ୍ଟମ ପାଇଁ ଅତିରିକ୍ତ ସିଷ୍ଟମ ମୂଲ୍ୟର ୪୦ ପ୍ରତିଶତ ସବସିଡି ପ୍ରଦାନ କରାଯାଉଛି । ସବସିଡିକୁ ୩ କିଲୋୱାଟ କ୍ଷମତାରେ ସୀମିତ ରଖାଯାଇଛି ।

ବର୍ତ୍ତମାନର ବେଞ୍ଚମାର୍କ ମୂଲ୍ୟରେ ଏହାର ଅର୍ଥ ହେଉଛି ୧ କିଲୋୱାଟ ସିଷ୍ଟମ ପାଇଁ ୩୦,୦୦୦ ଟଙ୍କା, ୨ କିଲୋୱାଟ ସିଷ୍ଟମ ପାଇଁ ୬୦,୦୦୦ ଟଙ୍କା ଏବଂ ୩ କିଲୋୱାଟ ସିଷ୍ଟମ ପାଇଁ ୭୮,୦୦୦ ଟଙ୍କା ସବସିଡି ।

ଏହି ଯୋଜନା ପାଇଁ କିଏ ଆବେଦନ କରିବାକୁ ଯୋଗ୍ୟ ଅଟନ୍ତି ?

୧. ଆବେଦନକାରୀ ଜଣେ ଭାରତୀୟ ନାଗରିକ ହେବା ଆବଶ୍ୟକ।

୨. ସୋଲାର ପ୍ୟାନେଲ ଲଗାଇବା ପାଇଁ ଉପଯୁକ୍ତ ଛାତ ଥିବା ଏକ ଘରର ମାଲିକ ହୋଇଥିବେ ।

୩. ପରିବାର ପାଖରେ ବୈଧ ବିଦ୍ୟୁତ ସଂଯୋଗ ଥିବା ଆବଶ୍ୟକ।

୪. ସୌର ପ୍ୟାନେଲ ପାଇଁ ପରିବାର ଅନ୍ୟ କୌଣସି ସବସିଡି ପାଇନଥିବେ।

ପିଏମ ସୂର୍ଯ୍ୟ ଘର ମାଗଣା ବିଜୁଳି ଯୋଜନା ପାଇଁ କିପରି ଆବେଦନ କରିବେ ?

ପ୍ରଥମେ ଆଗ୍ରହୀ ଉପଭୋକ୍ତାଙ୍କୁ ... ଜାତୀୟ ପୋର୍ଟାଲରେ ପଞ୍ଜୀକରଣ କରିବାକୁ ପଡ଼ିବ। ରାଜ୍ୟ ଓ ବିଦ୍ୟୁତ ବିତରଣ କମ୍ପାନୀ ଚୟନ କରି ଏହା କରିବାକୁ ପଡ଼ିବ। ନ୍ୟାସନାଲ ପୋର୍ଟାଲ ଉପଯୁକ୍ତ ସିଷ୍ଟମ ଆକାର, ସୁବିଧା କ୍ୟାଲକୁଲେଟର, ଭେଣ୍ଡର ରେଟିଂ ଇତ୍ୟାଦି ପ୍ରାସଙ୍ଗିକ ସୂଚନା ପ୍ରଦାନ କରି ପରିବାରଗୁଡ଼ିକୁ ସହାୟତା କରିବ। ଉପଭୋକ୍ତାମାନେ ବିକ୍ରେତା ଏବଂ ରୁଫ ଟପ ସୋଲାର ୟୁନିଟ ର ନିର୍ମାଣ ଚୟନ କରିପାରିବେ ଯାହା ସେମାନେ ସ୍ଥାପନ କରିବାକୁ ଚାହୁଁଛନ୍ତି।

ସୌର ୟୁନିଟ ପାଇଁ ଅର୍ଥ ନିମନ୍ତେ ଜଣେ ଗ୍ରାହକ ଋଣ ସୁବିଧା ପାଇପାରିବେ କି ?

ହଁ ୩ କିଲୋୱାଟ ପର୍ଯ୍ୟନ୍ତ ଆବାସିକ ଆରଟିଏସ ସିଷ୍ଟମ ସ୍ଥାପନ ପାଇଁ ପରିବାରଗୁଡ଼ିକ ବର୍ତ୍ତମାନ ପ୍ରାୟ ୭% କମ ସୁଧରେ ବନ୍ଧକ ମୁକ୍ତ ଋଣ ପାଇପାରିବେ। ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ସମୟ ସମୟରେ ସ୍ଥିର କରାଯାଇଥିବା ପ୍ରଚଳିତ ରେପୋ ହାରଠାରୁ ସୁଧ ହାର ୦.୫% ଅଧିକ ବୋଲି ଆକଳନ କରାଯାଇଛି । ବର୍ତ୍ତମାନ ୬.୫% ଥିବା ରେପୋ ରେଟ ୫.୫%କୁ ହ୍ରାସ ପାଇଲେ ଗ୍ରାହକଙ୍କ ପାଇଁ ପ୍ରଭାବଶାଳୀ ସୁଧ ହାର ବର୍ତ୍ତମାନର ୭% ପରିବର୍ତ୍ତେ ୬% ହୋଇଯିବ।

ସବସିଡି ପାଇବା ପାଇଁ ସୋପାନ ପରେ ସୋପାନ ପ୍ରକ୍ରିୟା କ'ଣ ?

ସୋପାନ ୧

ନିମ୍ନଲିତ ସହିତ ପୋର୍ଟାଲରେ ପଞ୍ଜିକରଣ କରନ୍ତୁ।

ଆପଣଙ୍କ ରାଜ୍ୟ ଏବଂ ବିଦ୍ୟୁତ ବିତରଣ କମ୍ପାନୀ ଚୟନ କରନ୍ତୁ।

ଆପଣଙ୍କ ବିଦ୍ୟୁତ ଉପଭୋକ୍ତା ନମ୍ବର, ମୋବାଇଲ ନମ୍ବର ଏବଂ ଇମେଲ ପ୍ରବେଶ କରନ୍ତୁ।

ସୋପାନ ୨

ଉପଭୋକ୍ତା ନମ୍ବର ଏବଂ ମୋବାଇଲ ନମ୍ବର ସହ ଲଗ ଇନ କରନ୍ତୁ।

ଫର୍ମ ଅନୁଯାୟୀ ରୁଫ ଟପ ସୋଲାର ପାଇଁ ଆବେଦନ କରନ୍ତୁ।

ସୋପାନ ୩

ସମ୍ଭାବ୍ୟତା ଅନୁମୋଦନ ପାଇବା ପରେ, କୌଣସି ପଞ୍ଜୀକୃତ ବିକ୍ରେତାଙ୍କ ଦ୍ୱାରା ପ୍ଲାଣ୍ଟ ସ୍ଥାପନ କରନ୍ତୁ।

ସୋପାନ ୪

ଇନଷ୍ଟଲେସନ ସରିବା ପରେ, ପ୍ଲାଣ୍ଟ ବିବରଣୀ ଦାଖଲ କରନ୍ତୁ ଏବଂ ନେଟ ମିଟର ପାଇଁ ଆବେଦନ କରନ୍ତୁ।

ସୋପାନ ୫

ନେଟ ମିଟର ଲଗାଇବା ଏବଂ ଡିସ୍କମ ଦ୍ୱାରା ଯାଞ୍ଚ କରିବା ପରେ ପୋର୍ଟାଲରୁ କମିସନିଂ ସାର୍ଟିଫିକେଟ ପ୍ରସ୍ତୁତ କରାଯିବ।

ସୋପାନ ୬

ଥରେ କମିଶନିଂ ରିପୋର୍ଟ ମିଳିବା ପରେ ପୋର୍ଟାଲ ମାଧ୍ୟମରେ ବ୍ୟାଙ୍କ ଆକାଉଣ୍ଟ ବିବରଣୀ ଏବଂ ବାତିଲ ହୋଇଥିବା ଚେକ ଦାଖଲ କରନ୍ତୁ । ୩୦ ଦିନ ମଧ୍ୟରେ ଆପଣଙ୍କ ବ୍ୟାଙ୍କ ଆକାଉଣ୍ଟରେ ସବସିଡି ମିଳିବ।

ଗୋଟିଏ ପରିବାର କାହିଁକି ରୁଫ ଟପ ସୋଲାର ସ୍କିମ ବାଛିବା ଉଚିତ୍ ?

ସରଳ ହିସାବ ଡିସକୋମ କୁ ବଳକା ବିଜୁଳି ବିକ୍ରି କରି ପରିବାରଗୁଡ଼ିକ ବିଜୁଳି ବିଲ ସଞ୍ଚୟ କରିବା ସହ ଅତିରିକ୍ତ ରୋଜଗାର କରିପାରିବେ।

ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ମାଗଣା ବିଜୁଳି ଯୋଜନାରେ ୩ କିଲୋୱାଟ କ୍ଷମତାର ରୁଫ ଟପ ସୋଲାର ୟୁନିଟ ସ୍ଥାପନ କରି ମାସକୁ ୩୦୦ ୟୁନିଟ ପର୍ଯ୍ୟନ୍ତ ବ୍ୟବହାର କରୁଥିବା ପରିବାର ପାଇଁ ବର୍ଷକୁ ପ୍ରାୟ ୧୫,୦୦୦ ଟଙ୍କାର ନିଶ୍ଚିତ ସଞ୍ଚୟ ହେବ। ଏଭଳି ପରିବାର ନିଜସ୍ୱ ବିଜୁଳି ଉତ୍ପାଦନ କରି ପାଖାପାଖି ୧୮୦୦ ରୁ -୧୮୭୫ ଟଙ୍କା ବିଜୁଳି ବିଲ ସଞ୍ଚୟ କରିପାରିବେ।

ଏପରିକି ସୋଲାର ୟୁନିଟକୁ ଆର୍ଥିକ ସହାୟତା ଦେବା ପାଇଁ ନେଇଥିବା ଋଣ ଉପରେ ୬୧୦ ଟଙ୍କାର ଇଏମଆଇ କାଟିବା ପରେ ମଧ୍ୟ ମାସକୁ ପ୍ରାୟ ୧୨୬୫ ଟଙ୍କା ବା ବର୍ଷକୁ ପାଖାପାଖି ୧୫,୦୦୦ ଟଙ୍କା ସଞ୍ଚୟ ହେବ । ଯେଉଁ ପରିବାର ଋଣ ନେଉନଥିବେ ସେମାନଙ୍କ ପାଇଁ ସଞ୍ଚୟ ଆହୁରି ଅଧିକ ହେବ । ଏହାବ୍ୟତୀତ ଅକ୍ଷୟ ଶକ୍ତିକୁ ବାଛିବା ଦ୍ୱାରା ଏହା ଏକ ସବୁଜ ଗ୍ରହ ଦିଗରେ ଯୋଗଦାନ କରିବାର ଏକ ସୁଯୋଗ ଅଟେ।

# ରାଜନୀତିରୁ ଦୂରେଇବାର ନିଷ୍ପତ୍ତି ନେଲେ ଗମ୍ଭୀର



**ନୂଆଦିଲ୍ଲୀ**

ପୂର୍ବ ଦିଲ୍ଲୀରୁ ଏକ ବଡ଼ ଖବର ହସ୍ତଗତ ହୋଇଛି । ଭାରତୀୟ କ୍ରିକେଟ୍ ଟିମ୍‌ର ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର୍ ଗୌତମ ଗମ୍ଭୀର ସକ୍ରିୟ ରାଜନୀତିରୁ ଦୂରେଇ ଯିବାକୁ ନିଷ୍ପତ୍ତି ନେଇଛନ୍ତି। ପୂର୍ବତନ କ୍ରିକେଟର୍ ତାଙ୍କ ସୋସିଆଲ୍ ମିଡିଆ ସାଇଟ୍ ଏକ୍ସରେ ନିଜର ଅନୁଗାମୀ ଏବଂ ସମର୍ଥକଙ୍କ ସହ ଏହି ଖବର ବାଣ୍ଟିଛନ୍ତି।

ସେ ନିଜ କ୍ରିକେଟ ପ୍ରତିଶ୍ରୁତି ଉପରେ ଧ୍ୟାନ ଦେବାକୁ ଇଚ୍ଛା ପ୍ରକାଶ କରି ଏପରି ନିଷ୍ପତ୍ତି ନେଇଛନ୍ତି। ରାଜନୀତିରେ ପ୍ରବେଶ କରିବା ପୂର୍ବରୁ କ୍ରିକେଟ୍ ପ୍ରତି ରହିଥିବା ତାଙ୍କ ଉତ୍ସାହକୁ ପୁର୍ନଜୀବିତ କରିବାକୁ ସେ ଏପରି ଚିନ୍ତା କରିଛନ୍ତି।

ସେ ତାଙ୍କ ଏକ୍ସ ପୋଷ୍ଟ୍‌ରେ ଲେଖିଛନ୍ତି, ମୁଁ ପାର୍ଟି ସଭାପତି ଜେପି ନଡ୍ଡାଙ୍କୁ ମୋତେ ସମସ୍ତ ରାଜନେତିକ ଦାୟିତ୍ୱରୁ ମୁକ୍ତି କରିବାକୁ ନିବେଦନ କରୁଛନ୍ତି। ଯାହାଦ୍ୱାରା ମୁଁ ମୋର ଆଗାମୀ କ୍ରିକେଟ ପ୍ରତିଶ୍ରୁତି ଉପରେ ଧ୍ୟାନ ଦେଇ ପାରିବି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମୋତେ କାମ କରିବାର ସୁଯୋଗ ଦେଇଥିବାରୁ ମୁଁ ତାଙ୍କୁ ଆନ୍ତରିକ ଧନ୍ୟବାଦ ଜଣାଉଛି ଜୟ ହିନ୍ଦ।

ଗମ୍ଭୀର ୨୦୧୯ ମସିହା ମାର୍ଚ୍ଚ ମାସରେ ବିଜେପିରେ ଯୋଗ ଦେଇଥିଲେ। ସେବେଠାରୁ ଦିଲ୍ଲୀରେ ଦଳର ପ୍ରମୁଖ ଚେହେରା ହୋଇପାରିଛନ୍ତି। ସେ ୨୦୧୯ ଲୋକସଭା ନିର୍ବାଚନରେ ୬,୯୫,୧୦୯ ଭୋଟ ବ୍ୟବଧାନରେ ପୂର୍ବ ଦିଲ୍ଲୀ ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ ଏବଂ ଜିତିଥିଲେ।

ଗମ୍ଭୀର ୨୦୨୪ ନିର୍ବାଚନ ପାଇଁ ଟିକେଟ୍ ନପାଇପାରନ୍ତି ବୋଲି ରିପୋର୍ଟ ପ୍ରକାଶ ପାଇବା ପରେ ସେ ରାଜନୀତି ଛାଡ଼ିବାକୁ ନିଷ୍ପତ୍ତି ନେଇଥିବା ବିଭିନ୍ନ ମହଲରେ ଚର୍ଚ୍ଚା ହେଉଛି।

ଭୁବନେଶ୍ୱର
୦୩ ମାର୍ଚ୍ଚ
ରବିବାର, ୨୦୨୪
RNI Regd. No. : 52640/94
Postal Regd. No. : BN/60/22-24

# କିଟ୍ ଡେ଼ଣ୍ଟାଲ କଲେଜକୁ ଜାତୀୟ ପୁରସ୍କାର



ଭୁବନେଶ୍ୱର,୨।୩ ନ୍ୟୁଜ ବ୍ୟୁରୋ
କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡେଣ୍ଟାଲ୍ ସାଇନସେସ୍ (କିଡ୍‌ସ)କୁ ସମାଜସେବା ଓ ମାନବିକତା ଉତ୍କର୍ଷତା ପାଇଁ ଇଣ୍ଟରନ୍ୟାସନାଲ୍ କଲେଜ ଅଫ୍ ଡେ଼ଣ୍ଟିଷ୍ଟ (ଆଇଏସ୍‌ଡ଼ି) ପକ୍ଷରୁ ସମ୍ମାନଜନକ ଡା. କେଦାର ଏନ୍. ରସ୍ତୋଗୀ ପୁରସ୍କାର ପ୍ରଦାନ କରାଯାଇଛି । ଜନସାଧାରଣଙ୍କ ମଧ୍ୟରେ ମୁଖ ଗହ୍ୱର ସ୍ୱାସ୍ଥ୍ୟ ଉପରେ ସଚେତନତା, ଗ୍ରାମାଞ୍ଚଳ ଏବଂ ଗରିବ ଲୋକଙ୍କୁ ଦନ୍ତ ଚିକିତ୍ସା ଯୋଗାଇଦେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଏହା ହେଉଛି ଦେଶରେ ସର୍ବୋଚ୍ଚ ସାମାଜିକ ସମ୍ମାନ । ଗତ ଫେବୃୟାରୀ ୨୪ ତାରିଖରେ ନୂଆଦିଲ୍ଲୀସ୍ଥିତ ଗୁରୁ ଗୋବିନ୍ଦ ସିଂ ଇନ୍ଦ୍ରପ୍ରସ୍ଥ ବିଶ୍ୱବିଦ୍ୟାଳୟଠାରେ ଇଣ୍ଟରନ୍ୟାସନାଲ୍ କଲେଜ ଅଫ୍ ଡେ଼ଣ୍ଟିଷ୍ଟର ଜାତୀୟ କାର୍ଯ୍ୟକ୍ରମରେ କିଟ୍ ଡେ଼ଣ୍ଟାଲ୍ କଲେଜକୁ ଏହି ପୁରସ୍କାର ପ୍ରଦାନ କରାଯାଇଛି । ଏହି ପୁରସ୍କାର ଦନ୍ତ ଗହ୍ୱର ସ୍ୱାସ୍ଥ୍ୟ ନେଇ ସଚେତନତାକୁ ପ୍ରୋତ୍ସାହନ ଏବଂ ସମସ୍ତଙ୍କୁ ଦନ୍ତ ଚିକିତ୍ସା ଯୋଗାଇଦେବା କ୍ଷେତ୍ରରେ ବ୍ୟକ୍ତି ବିଶେଷ କିମ୍ବା ଅନୁଷ୍ଠାନର ଉତ୍ସର୍ଗୀକୃତ କାର୍ଯ୍ୟକୁ ସ୍ୱୀକୃତି ପ୍ରଦାନ କରିଥାଏ । କିଡ୍‌ସ ଜନସାଧାରଣଙ୍କ ମଧ୍ୟରେ ମୁଖ ଗହ୍ୱର ସ୍ୱାସ୍ଥ୍ୟ ନେଇ ସଚେତନତା ସୃଷ୍ଟି କରିବା ଏବଂ ଗରିବ ଲୋକଙ୍କୁ ଦନ୍ତ ଚିକିତ୍ସା ଯୋଗାଇ ଦେବା କ୍ଷେତ୍ରରେ ନିରବଚ୍ଛିନ୍ନ ଭାବେ କାର୍ଯ୍ୟ କରିଆସୁଛି । ମାଗଣା ଡେ଼ଣ୍ଟାଲ କ୍ୟାମ୍ପ ଆୟୋଜନ କରିବା, ଦନ୍ତ ଚିକିତ୍ସା କ୍ଷେତ୍ରରେ ଗରିବ ଲୋକଙ୍କୁ ସହଯୋଗ କରିବା ଏବଂ ସ୍ୱାସ୍ଥ୍ୟକର ମୁଖ ଗହ୍ୱର ନେଇ ବ୍ୟାପକ ସଚେତନତା ସୃଷ୍ଟି କରିବା କ୍ଷେତ୍ରରେ କିଡ୍‌ସର ପ୍ରଶାସନିକ ନିର୍ଦ୍ଦେଶକ ଡ଼ା. ଯୁଗଜ୍ୟୋତି ପାଠୀଙ୍କ ନିରବଚ୍ଛିନ୍ନ ଓ ଉତ୍ସର୍ଗୀକୃତ ପ୍ରୟାସ ପାଇଁ କିଡ୍‌ସକୁ ଏହି ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯାଇଛି । ଏହି ସଫଳତା ପାଇଁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଡ.ଅଚ୍ୟୁତ ସାମନ୍ତ ଡା. ପାଠୀଙ୍କୁ ଶୁଭେଚ୍ଛା ଜଣାଇବା ସହ କିଟ୍ ଡେ଼ଣ୍ଟାଲ୍ କଲେଜ ଅଧ୍ୟକ୍ଷ ଡା. ଅଶ୍ୱିନୀ କୁମାର କର, ଉପାଧ୍ୟକ୍ଷ ଡା.ଏନ୍. ସି. ସଙ୍ଗମେଶ ପ୍ରମୁଖଙ୍କୁ ଧନ୍ୟବାଦ ଜଣାଇଛନ୍ତି ।



ଭୁବନେଶ୍ୱର : ରାଜଭବନରେ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ରାଜ୍ୟପାଳ ରଘୁବର ଦାସ। (ଫଟୋ : ସମ୍ବାଦ କଳିକା)

## ସୋସିଆଲ ମିଡିଆରେ ମେଣ୍ଟ ନେଇ ପ୍ରଚାର କରୁଛନ୍ତି କିଛି ବିଜେପି ନେତା: ସସ୍ମିତ ପାତ୍ର

ଭୁବନେଶ୍ୱର, ୨/୩
ନ୍ୟୁଜ ବ୍ୟୁରୋ
ରାଜ୍ୟରେ ବିଜେପି କରୁଛି ମେଣ୍ଟ ଗୁଜବ। ସୋସିଆଲ ମିଡିଆରେ ମେଣ୍ଟ ନେଇ ପ୍ରଚାର କରୁଛନ୍ତି କିଛି ବିଜେପି ନେତା । ଏନେଇ ପ୍ରେସ୍‌ମିଟରେ ବିଜେପିକୁ କଡ଼ା ସମାଲୋଚନା କରିଛନ୍ତି ବିଜେଡି ମୁଖପାତ୍ର ସସ୍ମିତ ପାତ୍ର । ବିଜେପି କାହିଁକି ଓ କେଉଁ ଉଦ୍ଦେଶ୍ୟରେ ଏପରି ଗୁଜବ କରୁଛି ତାହା ଜଣାନାହିଁ । ଅନ୍ୟପଟେ ରାଜ୍ୟର ସବୁ ଆସନରେ ଟିକେଟ ଦେବାକୁ ପ୍ରାର୍ଥୀ ପାଉନି ବିଜେପି। ସେଥିପାଇଁ ବିଜେଡିରୁ ବିଦା ହୋଇଥିବା ଜନବିରୋଧୀ ଓ ଦଳ ଯାହାକୁ ଟିକେଟ ଦେବନି ସେମାନଙ୍କୁ ପାଛୋଟିନେଉଛି। ଯେଉଁମାନଙ୍କୁ ବିଜେଡି ଜନବିରୋଧୀ



କାର୍ଯ୍ୟପାଇଁ ବିଦା କରିଛି, ଯେଉଁ ନେତାଙ୍କୁ ଆଉ ଟିକେଟ ଦେବନି ଓ ଯାହାର ଦଳରେ ଆଉ ଭବିଷ୍ୟତ ନାହିଁ ସେମାନଙ୍କୁ ଦଳକୁ ନେଉଛି ବିଜେପି। କାରଣ ରାଜ୍ୟର ୧୪୭ ବିଧାନସଭା ଓ ୨୧ ଲୋକସଭା ନିର୍ବାଚନ ମଣ୍ଡଳୀରେ ଟିକେଟ ଦେବାକୁ ବିଜେପି ପାଖରେ ପ୍ରାର୍ଥୀ ନାହାନ୍ତି । ଏଣୁ ସେମାନଙ୍କୁ ଓଡ଼ିଶା ବିଜେପି ନେଇ ଟିକେଟ ଦେବାକୁ ମନସ୍ଥ କରିଛି । ବିଜେପି ଯାଉଥିବା ନେତାମାନଙ୍କ ଯଦି ବିଜେଡି ଟିକେଟ ଦେବାକୁ କହିବ ତେବେ ସେମାନେ ପୁଣି କାଲି ଦଳ ବଦଳାଇଦେବେ । ବିଜେଡି ସବୁବେଳେ ଓଡ଼ିଶାବାସୀଙ୍କ ସେବାରେ ଓ ବିକାଶରେ ନିୟୋଜିତ ହୋଇଛି । ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଫାଇଭ-ଟି ଉପକ୍ରମରେ ରାଜ୍ୟର ରୂପାନ୍ତରଣ ଚାଲିଛି। ବିକାଶ ଦେଖି ସାଢେ ଚାରିକୋଟି ଓଡ଼ିଶାବାସୀ ପୁଣିଥରେ ଷଷ୍ଠ ଥର ପାଇଁ ନବୀନଙ୍କୁ ମୁଖ୍ୟମନ୍ତ୍ରୀ କରିବାକୁ ମନସ୍ଥ କରିଛନ୍ତି । ଏହାଛଡ଼ା ଏଥର ରେକର୍ଡ ସିଟରେ ବିଜେଡି ବିଜୟ ଲାଭ କରିବ ।

# ଫେବୃୟାରୀ ଜିଏସ୍‌ଟି ସଂଗ୍ରହରେ ଓଡ଼ିଶାର ରେକର୍ଡ

## ଗତବର୍ଷ ତୁଳନାରେ ୧୩.୬୪ ପ୍ରତିଶତ ଅଭିବୃଦ୍ଧି

ଭୁବନେଶ୍ୱର, ୨/୩
ନ୍ୟୁଜ ବ୍ୟୁରୋ
ଚଳିତବର୍ଷ ଫେବ୍ରୁୟାରୀ ମାସରେ ଓଡ଼ିଶାରେ ମୋଟ ଜିଏସଟି ବାବଦ ୫୧୩୫.୮୯ କୋଟି ଟଙ୍କା ଆଦାୟ ହୋଇଛି, ଯାହା କି ଏଯାବତ ସର୍ବାଧିକ ମୋଟ ଜିଏସଟି ସଂଗ୍ରହ। ୨୦୨୩ ମସିହା ଫେବୃୟାରୀ ମାସରେ ଏହି ସଂଗ୍ରହ ପରିମାଣ ଥିଲା ୪୫୧୯.୩୫ କୋଟି ଟଙ୍କା । ତେଣୁ ଏ କ୍ଷେତ୍ରରେ ୧୩.୬୪ ପ୍ରତିଶତ ଅଭିବୃଦ୍ଧି ହାସଲ ହୋଇ ପାରିଛି । ଚଳିତ ଆର୍ଥିକ ବର୍ଷର ଫେବୃୟାରୀ ମାସ ସୁଦ୍ଧା ହୋଇଥିବା ମୋଟ ଜିଏସଟି ସଂଗ୍ରହ ପରିମାଣକୁ ବିଚାରକୁ ନେଲେ ଦେଖାଯିବ ଯେ, ଏ କ୍ଷେତ୍ରରେ ଗତ ଆର୍ଥିକ ବର୍ଷ ତୁଳନାରେ ୧୧ ଦଶମିକ ୦୭ ପ୍ରତିଶତ ଅଭିବୃଦ୍ଧି ସହ ୪୯୫୩୮, ୬୪ କୋଟି ଟଙ୍କା ସଂଗୃହୀତ ହୋଇଛି । ସେହିପରି ରାଜ୍ୟ ଜିଏସଟି ଓ ସମନ୍ୱିତ ଜିଏସଟି ଫଇସଲା ବାବଦକୁ ଚଳିତ ବର୍ଷ



ଫେବୃୟାରୀ ମାସରେ ଓଡ଼ିଶା ୨୨୯୫.୪୧ କୋଟି ଟଙ୍କା ପାଇଥିବାବେଳେ ଗତବର୍ଷ ଫେବୃୟାରୀ ମାସରେ ରାଜ୍ୟ ସଂଗ୍ରହ କରିଥିଲା ୧୬୭୩.୯୬ କୋଟି ଟଙ୍କା । ଫଳରେ ଏ କ୍ଷେତ୍ରରେ ଅଭିବୃଦ୍ଧି ହାର ରହିଛି ୩୭.୧୨ ପ୍ରତିଶତ । ଚଳିତ ଆର୍ଥିକ ବର୍ଷ ଫେବୃୟାରୀ ମାସ ସୁଦ୍ଧା ରାଜ୍ୟ ଜିଏସଟି ଓ ସମନ୍ୱିତ ଜିଏସଟି ବାବଦକୁ ପୁରା ସଂଗ୍ରହ ପରିମାଣ ୨୧୮୪୬.୫୫ କୋଟି ଟଙ୍କା ରହିଥିବା ବେଳେ ଗତ ଆର୍ଥିକ ବର୍ଷର ଫେବୃୟାରୀ ମାସ ସୁଦ୍ଧା ଏହି ସଂଗ୍ରହ ରାଶି ଥିଲା ୧୬୭୧୦.୩୪ କୋଟି ଟଙ୍କା । ଫଳରେ ଏ ବାବଦରେ ୩୦.୭୪ ପ୍ରତିଶତ ଅଭିବୃଦ୍ଧି ହାର ହାସଲ ହୋଇ ପାରିଛି । ରାଜ୍ୟ ବାଣିଜ୍ୟକର ଏବଂ ଜିଏସଟି କମିଶନରରେଟ ଦ୍ୱାରା ପରିଚାଳିତ ହେଉଥିବା ସମସ୍ତ ଟିକସ ବ୍ୟବସ୍ଥା ଯଥା ରାଜ୍ୟ ଜିଏସଟି / ସମନ୍ୱିତ ଜିଏସଟି ଫଇସଲା, ଭାଗ କରି ଆଦିକୁ ଯଦି ବିଚାରକୁ ନିଆଯାଏ ତେବେ ଦେଖାଯିବ ଯେ ଚଳିତ ଆର୍ଥିକ ବର୍ଷ ଫେବୃୟାରୀ ମାସରେ ଏ ସମସ୍ତ ଟିକସ ବ୍ୟବସ୍ଥା ଅଧୀନରେ ୩୪୭୦.୭୫ କୋଟି ଟଙ୍କା ସଂଗୃହୀତ ହୋଇଛି । ଗତ ବର୍ଷ ଫେବୃୟାରୀ ମାସରେ ଏହି ସଂଗ୍ରହ ପରିମାଣ ଥିଲା ୨୭୬୫ , ୪୪ କୋଟି ଟଙ୍କା। ଫଳରେ ଏଥିରେ ୨୫.୫୦ ପ୍ରତିଶତ ଅଭିବୃଦ୍ଧି ଘଟିଛି। ଅପରପକ୍ଷରେ ଚଳିତ ଆର୍ଥିକ ବର୍ଷ ଫେବୃୟାରୀ ମାସ ସୁଦ୍ଧା ଉପରୋକ୍ତ ସମସ୍ତ ଟିକସ ବ୍ୟବସ୍ଥାରେ ହୋଇଥିବା ସଂଗ୍ରହ ପରିମାଣ ୩୨୮୦୭.୬୭ କୋଟି ଟଙ୍କା ଥିବାବେଳେ ଗତବର୍ଷ ଫେବୃୟାରୀ ମାସ ସୁଦ୍ଧା ହୋଇଥିବା ସଂଗ୍ରହ ପରିମାଣ ତୁଳନାରେ ଏହା ୨୦.୮୪ ପ୍ରତିଶତ ଅଧିକ । ୨୦୨୪ ମସିହା ଫେବୃୟାରୀ ମାସରେ ୨୩.୭୭ ଲକ୍ଷ ସଂଖ୍ୟକ ଇ–ୱେବିଲ ନିର୍ଗମନ କରାଯାଇଥିବାବେଳେ ୨୦୨୩ ମସିହା ଫେବୃୟାରୀ ମାସରେ ଏହି ସଂଖ୍ୟା ଥିଲା ୧୯.୮୬ ଲକ୍ଷ । ଫଳରେ ଏଥିରେ ୧୯.୬୯ ପ୍ରତିଶତ ଅଭିବୃଦ୍ଧି ଘଟିଛି, ଯାହା କି ରାଜ୍ୟରେ ଦେଖା ଦେଇଥିବା ଦୃଢ ବାଣିଜ୍ୟିକ ଗତିବିଧିକୁ ସୂଚିତ କରୁଛି। ପୁନଶ୍ଚ ଜଣା ଯାଇଛି ଯେ, ୨୦୨୪ ମସିହା ଫେବୃୟାରୀ ମାସରେ ନିର୍ଗମନ ହୋଇଥିବା ୱେବିଲ ମଧ୍ୟରୁ ୧୪.୦୬ ଲକ୍ଷ ୱେବିଲ ଅନ୍ତଃରାଜ୍ୟ କାରବାର ପାଇଁ ବ୍ୟବହୃତ ହୋଇଥିବାବେଳେ ୯.୭୧ ଲକ୍ଷ ସଂଖ୍ୟକ ୱେବିଲ ଆନ୍ତଃରାଜ୍ୟ କାରବାର ପାଇଁ ବ୍ୟବହୃତ ହୋଇଛି।

## ବିବାହିତ ଝିଅ ବି ଅନୁକମ୍ପାମୂଳକ ନିଯୁକ୍ତି ପାଇପାରିବେ

କଟକ, ୦୨/୦୩ ନ୍ୟୁଜ ବ୍ୟୁରୋ
ବିବାହିତ ଝିଅ ବି ଅନୁକମ୍ପାମୂଳକ ନିଯୁକ୍ତି ପାଇପାରିବେ ବୋଲି ଓଡ଼ିଶା ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ କହିଛନ୍ତି । ହାଇକୋର୍ଟର ବିଚାରପତି ଜଷ୍ଟିସ ଡକ୍ଟର ସଞ୍ଜିବ କୁମାର ପାଣିଗ୍ରାହୀଙ୍କ ଖଣ୍ଡପୀଠ ଭଦ୍ରକ ଜିଲ୍ଲାର ଏହି ସମ୍ବନ୍ଧୀୟ ଏକ ମାମଲାର ଶୁଣାଣି କରି କହିଛନ୍ତି ଯେ ବିବାହିତା ହୋଇଥିବା କାରଣରୁ ଜଣେ ଝିଅଙ୍କୁ ଅନୁକମ୍ପାମୂଳକ ନିଯୁକ୍ତିରୁ ବଞ୍ଚିତ କରାଯାଇ ପାରିବ ନାହିଁ । ଅନୁକମ୍ପାମୂଳକ ନିଯୁକ୍ତି କ୍ଷେତ୍ରରେ ନିର୍ଭରଶୀଳତାକୁ ମାନଦଣ୍ଡ ଭାବେ ଗ୍ରହଣ କରାଯିବା ଉଚିତ୍ ବୋଲି ହାଇକୋର୍ଟ କହିଛନ୍ତି। ତେବେ ଅନୁକମ୍ପାମୂଳକ ନିଯୁକ୍ତି କ୍ଷେତ୍ରରେ ନିର୍ଭରଶୀଳତାକୁ ମାନଦଣ୍ଡ ଭାବେ ଗ୍ରହଣ କରାଯିବା ଉଚିତ୍ । ନିର୍ଭରଶୀଳ ବ୍ୟକ୍ତିଙ୍କ ବୈବାହିକ ସ୍ଥିତି ଏଥିରେ ବାଧକ ହେବା ଉଚିତ୍ ନୁହେଁ ବୋଲି କହିଛନ୍ତି ଉଚ୍ଚ ନ୍ୟାୟାଳୟ । ଝିଅ ବାହାହେବା ପରେ ବି ନିଜ ବାପାମାଆଙ୍କ ପ୍ରତି ଥିବା ଉତ୍ତରଦାୟିତ୍ୱରୁ ମୁକୁଳି ନଥାଏ । ଅଭିଭାବକଙ୍କ ଭରଣପୋଷଣ ପାଇଁ ବିବାହିତା ଝିଅ ବାଧ୍ୟ। ତେଣୁ ବିବାହିତା ଝିଅଙ୍କୁ ଅନୁକମ୍ପାମୂଳକ ନିଯୁକ୍ତିରୁ ବଞ୍ଚିତ କରାଯାଇପାରିବନି ବୋଲି ରାୟ ଶୁଣାଇଛନ୍ତି କୋର୍ଟ । ଅନୁକମ୍ପା ନିଯୁକ୍ତି ବିବାଦ ଓ ମୋକଦ୍ଦମାରେ ଆବେଦନକାରୀଙ୍କ ବହୁ ବର୍ଷ ସମୟ ନଷ୍ଟ ହୋଇଥିବାରୁ ତାଙ୍କ ବୟସ ପ୍ରସଙ୍ଗ ହେବ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି ହାଇକୋର୍ଟ ।

## ମେ’ ମାସରୁ ରାଜ୍ୟ ସରକାର ଗଣିବେ କଲରାପତରିଆ ବାଘ

ଭୁବନେଶ୍ୱର,୨।୩:ନ୍ୟୁଜ୍‌ବ୍ୟୁରୋ
ମେ’ ମାସରୁ ରାଜ୍ୟ ସରକାର ଗଣିବେ କଲରାପତରିଆ ବାଘ। ନିଜସ୍ୱ ଉଦ୍ୟମରେ ହାତୀ ଗଣନା ସହ ଏକକାଳୀନ କଲରାପତରିଆ ବାଘ ଗଣନା କରିବେ ରାଜ୍ୟ ସରକାର। ଏ ନେଇ ବନ୍ୟପ୍ରାଣୀ ପିସିସିଏଫ୍ ସୁଶାନ୍ତ ନନ୍ଦ ସୂଚନା ଦେଇଛନ୍ତି। ସେଥିପାଇଁ ଏନଟିସିଏ ରିପୋର୍ଟକୁ ତର୍ଜମା କରାଯାଉଛି। ତେବେ ସେଥିରେ କିଛି ତ୍ରୁଟି ଥିବା ଜଣାପଡ଼ିଛି। ତେଣୁ ଏହାକୁ ରାଜ୍ୟ ସ୍ତରରେ ସଂଶୋଧନ କରାଯିବ। ପ୍ରଥମତଃ ଏହା ଏନଟିସିଏର ଏକ ଆକଳନ ରିପୋର୍ଟ। ଦ୍ୱିତୀୟରେ ୨୦୨୨ରେ ସେମାନେ ମାତ୍ର ୩ଟି ସ୍ଥାନରେ କ୍ୟାମେରା ଟ୍ରାପ୍ ଲଗାଇଥିଲେ। ତେବେ ୨୦୧୮ ଆକଳନ ବେଳେ ୧୪ ଜାଗାରେ କ୍ୟାମେରା ଟ୍ରାପ୍ ଲାଗିଥିଲା। ଯେଉଁଥିରୁ ସେମାନେ ୭୬୦ କଲରାପତରିଆ ଥିବା ଜାଣିବାକୁ ପାଇଥିଲେ। ତେବେ ୨୦୨୨ରେ ଶିମିଳିପାଳ ଓ ସାତକୋଶିଆରେ କଲରାପତରିଆ ସଂଖ୍ୟା ବଢ଼ିଥିବା ରାଜ୍ୟ ପାଇଁ ଖୁସି ଖବର। ଏନଟିସିଏର କଲରାପତରିଆ ଆକଳନ ରିପୋର୍ଟ ଗ୍ରହଣୀୟ। କିନ୍ତୁ ସେମାନେ ବହୁତ କମ୍ ଅଞ୍ଚଳରେ କ୍ୟାମେରା କଭର କରିଥିବାରୁ ଆକଳନ ନେଇ ସହମତ ହୋଇପାରିନାହୁଁ ବୋଲି ପିସିସିଏଫ କହିଛନ୍ତି।

## ନବୀନ ନିବାସ ଆଗରେ ଭିଡ଼ : ନୂଆ ଏନଏସି ଓ ମ୍ୟୁନିସିପାଲିଟି ଘୋଷଣା ପାଇଁ ଖୁସିର ଲହରୀ



ଭୁବନେଶ୍ୱର, ୨/୩ ନ୍ୟୁଜ ବ୍ୟୁରୋ
ଶନିବାର ମଧ୍ୟ ନବୀନ ନିବାସ ବାହାରେ ଲୋକଙ୍କ ଭିଡ଼ ଦେଖିବାକୁ ମିଳିଛି । ରାଜ୍ୟ ସରକାର ନୂଆକରି ୩୫ଟି ଏନଏସି ଘୋଷଣା କରିଥିବା ବେଳେ ୫ଟି ଏନଏସିକୁ ମ୍ୟୁନିସିପାଲିଟିକୁ ଉନ୍ନୀତ କରିଛନ୍ତି। ଏଥି ମଧ୍ୟରେ ଶେରଗଡ଼କୁ ଏନଏସି, ହିଞ୍ଜିଳିକାଟୁକୁ ଏନଏସିରୁ ମ୍ୟୁନିସିପାଲିଟି, କଣ୍ଟାମାଳକୁ ଏନଏସି ଓ ଜାରକାକୁ ଏନଏସି ଘୋଷଣା କରାଯାଇଛି। ଏଥିପାଇଁ ଶନିବାର ଏହି ଅଞ୍ଚଳର ଲୋକମାନେ ନବୀନ ନିବାସକୁ ଆସି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଧନ୍ୟବାଦ ଦେଇଛନ୍ତି। ସହରାଞ୍ଚଳ ହେବା ପରେ ଲୋକମାନେ ଅତ୍ୟାଧୁନିକ ସୁବିଧା ପାଇବେ। ୫-ଟି ଅଧ୍ୟକ୍ଷଙ୍କ ଜିଲ୍ଲା ଗସ୍ତ ସମୟରେ ସମ୍ପୃକ୍ତ ଅଞ୍ଚଳବାସୀ ଏଥିପାଇଁ ଅନୁରୋଧ କରିଥିଲେ। ଯାହାକୁ ସେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରି ପୂରଣ କରିଛନ୍ତି। ଏଥିପାଇଁ ଏହି ଅଞ୍ଚଳରେ ଆନନ୍ଦର ଲହରୀ ଖେଳିଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଅଞ୍ଚଳବାସୀ ଧନ୍ୟବାଦ ଅର୍ପଣ ଓ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ନନ୍ଦନକାନନ ପ୍ରାଣୀଉଦ୍ୟାନରେ ନାଲି ମହାବଳ ବାଘୁଣୀ ‘ସାରା’ ଅସୁସ୍ଥ

ଭୁବନେଶ୍ୱର,୨।୩:ନ୍ୟୁଜ୍‌ବ୍ୟୁରୋ
ନନ୍ଦନକାନନ ପ୍ରାଣୀଉଦ୍ୟାନରେ ନାଲି ମହାବଳ ବାଘୁଣୀ ‘ସାରା’ ଅସୁସ୍ଥ ହୋଇଛି। କିଛି ଦିନ ଧରି ସେ ଚାଲିବାରେ ଯନ୍ତ୍ରଣା ଭୋଗୁଛି। ଚାଲି ପାରୁନଥିବାରୁ ଅସୁସ୍ଥ ହୋଇ ପଡ଼ିରହୁଥିଲା। ସାରାକୁ ଏବେ ଫିଡିଙ୍ଗ ଚାମ୍ବରକୁ ନେଇ ଚିକିତ୍ସା କରାଯାଉଛି। ଏକ ସ୍ୱତନ୍ତ୍ର ଡାକ୍ତରୀ ଦଳ ତା’ ଉପରେ ନଜର ରଖିଛନ୍ତି। ସୂଚନାଯୋଗ୍ୟ ଯେ, ସାରା ୨୦୦୯ ମସିହା ଏପ୍ରିଲ ୧୮ ତାରିଖରେ ହାଇଦ୍ରାବାଦ ଚିଡ଼ିଆଖାନାରୁ ନନ୍ଦନକାନନ ଆସିଥିଲା। ବାଘୁଣୀ ସାରା ୩ଟି ସନ୍ତାନର ମାଆ ହୋଇଛି। ଏବେ ନନ୍ଦନକାନନରେ ମୋଟ୍ ୨୭ଟି ବାଘ ରହିଛନ୍ତି ।

## କଟକର ତାରକସି କାମକୁ ମିଳିଲା ଜିଆଇ ମାନ୍ୟତା

କଟକ, ୨/୩ ନ୍ୟୁଜ ବ୍ୟୁରୋ
କଟକର ତାରକସି କାମକୁ ମିଳିଲା ଜିଆଇ ଟ୍ୟାଗ୍ । ବିଶ୍ୱପ୍ରସିଦ୍ଧ କଟକର ତାରକସି କାମକୁ ଜିଆଇ ମାନ୍ୟତା ମିଳିବା ନେଇ ଚେନ୍ନାଇ ଭିତ୍ତିକ ଜିଓଗ୍ରାଫିକାଲ ଇଣ୍ଡିକେସନ ରେଜିଷ୍ଟ୍ରିରୁ ଏହି ସୂଚନା ମିଳିଛି । ଏହାକୁ ମିଶାଇ ବର୍ତ୍ତମାନ ଓଡ଼ିଶାର ଜିଆଇ ମାନ୍ୟତା ପାଇଥିବା ସମଗ୍ରୀ ତାଲିକା ୨୬କୁ ବୃଦ୍ଧି ପାଇଛି। କଟକ ସହରର ତାରକସି କାମ ୫ଶହ ବର୍ଷ ପୁରୁଣା ହୋଇଥିବା ବେଳେ ଏହି ଶିଳ୍ପ ଉପରେ ଶହ ଶହ ପରିବାର ନିର୍ଭରଶୀଳ। ୨୦୨୧ ମସିହା ଜୁଲାଇ ୭ତାରିଖରେ ଓଡ଼ିଶା ହସ୍ତକଳା ସମବାୟ ସମିତି ତରଫରୁ ରୁପା ତାରକସିକୁ ଜିଆଇ



ମାନ୍ୟତା ଦେବା ପାଇଁ ଆବେଦନ ହୋଇଥିଲା। ଆବେଦନକୁ ବିଚାରକୁ ନେଇ କଟକ ତାରକସିର ଇତିହାସ ଏବଂ ବର୍ତ୍ତମାନର ସ୍ଥିତି ସମୀକ୍ଷା କରିବାକୁ ଏକ କନସଲଟାନ୍ସି ଫାର୍ମକୁ ଏହି ଦାୟିତ୍ୱ ଦିଆଯାଇଥିଲା । ଫାର୍ମର ସୁପାରିଶ କ୍ରମେ ତାମିଲନାଡୁର ଜିଆଇ ରେଜିଷ୍ଟ୍ରେସନ୍ ଉତ୍ପାଦର ନୋଡାଲ୍ ଅଫିସର୍ ପି.ସଞ୍ଜୟ ଗାନ୍ଧୀ କଟକ ରୁପା ତାରକସି ସମ୍ପର୍କରେ ୧୧୧ ପୃଷ୍ଠାର ରିପୋର୍ଟ ଜିଆଇ ରେଜିଷ୍ଟ୍ରାରଙ୍କ ନିକଟରେ ଦାଖଲ କରିଥିଲେ। ଯେଉଁଥିରେ କଟକ ତାରକସିର ଐତିହ୍ୟ ଓ କାରିଗରୀ ସମ୍ପର୍କରେ ବିସ୍ତୃତ ଉଲ୍ଲେଖ ରହିଥିଲା । ଯାହାର ତର୍ଜମା କରି ବିଶ୍ୱପ୍ରସିଦ୍ଧ କଟକର ତାରକସି କାମକୁ ଜିଆଇ ମାନ୍ୟତା ଦିଆଯାଇଛି। କଟକର ତାରକସି କାମକୁ ଜିଆଇ ମାନ୍ୟତା ମିଳିବା ପରେ ଆହୁରି ଚମକିବ ତାରକସି ସାମଗ୍ରୀ । ବିଶ୍ୱ ବଜାରରେ ବଢ଼ିବ ଏହାର ଚାହିଦା । ଏଣିକି ବିଶ୍ୱ ବଜାରରେ ମିଳିବ କଟକର ନିଖୁଣ କାରିଗରୀ। ଉପକୃତ ହେବେ କାରିଗର ଓ ବଢ଼ିବ ରୋଜଗାର ।

### ପିପିଲିର ସୁନୀତାଙ୍କୁ ମିଳିଲା ନୂଆ ଜୀବନ

# ଏସ୍‌ସିବିରେ ସଫଳ ହେଲା ୧୦ମ କାଡାଭରିକ କିଡ୍‌ନୀ ପ୍ରତିରୋପଣ

କଟକ, ୨/୩ ନ୍ୟୁଜ ବ୍ୟୁରୋ
ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଗୋଟିଏ ପରେ ଗୋଟିଏ ସଫଳ ଅଧ୍ୟାୟ ଯୋଡ଼ି ଚାଲିଛି କଟକର ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲ। ପୁଣି ଥରେ ଏଠାରେ କାଡାଭରିକ କିଡ୍‌ନୀ ପ୍ରତିରୋପଣ ସଫଳତାର ସହ ଶେଷ ହୋଇଛି। ପିପିଲିର ସୁନୀତା ମହାପାତ୍ରଙ୍କ ଶରୀରରେ ଗୋଟିଏ କିଡ୍‌ନୀ ପ୍ରତିରୋପିତ ହୋଇଛି। ତେବେ ଏଥି ସହିତ କଟକ ବଡ ମେଡିକାଲରେ କାଡାଭରିକ କିଡ୍‌ନୀ ପ୍ରତିରୋପଣ ସଂଖ୍ୟା ୧୦ ଛୁଇଁଛି। ଏସ୍‌ସିବି ୟୁରୋଲୋଜି ବିଭାଗୀୟ ମୁଖ୍ୟ ଡାକ୍ତର ସମୀର ସ୍ୱାଇଁଙ୍କ ନେତୃତ୍ୱରେ ଡାକ୍ତର ସଞ୍ଜୟ ଚୌଧୁରୀ, ଡାକ୍ତର ପ୍ରୀତମ ପଟ୍ଟନାୟକ, ନେଫ୍ରୋଲୋଜି ବିଭାଗୀୟ ମୁଖ୍ୟ ଡାକ୍ତର



ଅରୁଣା ଆଚାର୍ଯ୍ୟ, ଡାକ୍ତର ରାକେଶ ରାଉତରାୟ, ଡାକ୍ତର ଉଦୟ ବେହେରା ଏବଂ ଡାକ୍ତର ରଞ୍ଜିତା ଏହି ପ୍ରତିରୋପଣ କରିଥିଲେ। ମିଳିଥିବା ସୂଚନା ମୁତାବକ, କେନ୍ଦ୍ରାପଡା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ ନୟାକୋଟ ଗାଁର ୧୭ବର୍ଷୀୟ ଓମ୍ ଶିବୁ ବ୍ରେନଟ୍ୟୁମରରେ ପୀଡ଼ିତ ହୋଇ ଏସ୍‌ସିବି ନ୍ୟୁରୋସର୍ଜରୀ ବିଭାଗରେ ଚିକିତ୍ସିତ ହେଉଥିଲେ। ଶିବୁଙ୍କ ସ୍ୱାସ୍ଥ୍ୟାବସ୍ଥା ଦିନକୁ ଦିନ ସଙ୍କଟାପନ୍ନ ହୋଇ ପଡ଼ିଥିଲା। ଗୁରୁବାର ବିଳମ୍ବିତ ରାତିରେ ଶିବୁଙ୍କୁ ଡାକ୍ତରମାନେ ବ୍ରେନ ଡେଡ୍ ଘୋଷିତ କରିଥିଲେ। ଏହା ପରେ ତାଙ୍କର ପରିବାର ଲୋକଙ୍କ ସହମତି କ୍ରମେ ଅଙ୍ଗଦାନ ନିମନ୍ତେ ପ୍ରକ୍ରିୟା ଆରମ୍ଭ କରାଯାଇଥିଲା। ଷ୍ଟେଟ୍ ଅର୍ଗାନ ଆଣ୍ଡ ଟିସୁ ଟ୍ରାନ୍ସପ୍ଲାଣ୍ଟ ଅର୍ଗାନାଇଜେସନ(ସୋଟୋ) ସହ ମେଡିକାଲ କର୍ତ୍ତୃପକ୍ଷ ଆଲୋଚନା କରିବା ପରେ ଏସ୍‌ସିବି ମେଡ଼ିକାଲର ସ୍ୱତନ୍ତ୍ର ଡାକ୍ତରୀ ଦଳ ଗଠନ ହୋଇଥିଲା। ଶିବୁଙ୍କ ଶରୀରରୁ ଦୁଇଟି ଯାକ କିଡ୍‌ନୀ ସଫଳତାର ସହ କଢ଼ା ଯାଇଥିଲା। ଶୁକ୍ରବାର ରାତିରେ ପିପିଲିର ସୁନୀତା ମହାପାତ୍ରଙ୍କ ଶରୀରରେ ଗୋଟିଏ କିଡ୍‌ନୀ ପ୍ରତିରୋପଣ କରାଯାଇଥିଲା। ଅନ୍ୟ ଏକ କିଡ୍‌ନୀଟି ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ପଠାଯାଇଥିବା ନେଇ ୟୁରୋଲୋଜି ବିଭାଗୀୟ ମୁଖ୍ୟ ଡାକ୍ତର ସ୍ୱାଇଁ ସୂଚନା ଦେଇଛନ୍ତି। ୨୧ବର୍ଷୀୟ ସୁନୀତା କିଛି ବର୍ଷ କିଡ୍‌ନୀ ଜନିତ ରୋଗରେ ଆକ୍ରାନ୍ତ ହୋଇ ଏସ୍‌ସିବିରେ ଚିକିତ୍ସିତ ହେଉଥିଲେ। କିଡ୍‌ନୀ ପ୍ରତିରୋପଣ ପରେ ତାଙ୍କୁ ଏକ ନୂଆ ଜୀବନ ମିଳିଛି।

